# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୩୧ ଅକ୍ଟୋବର ୨୦୨୫ । ଶୁକ୍ରବାର


## ପ୍ରସିଦ୍ଧ କବି ତଥା ବିଜେପିର ବରିଷ୍ଠ ନେତା ଶଙ୍କର୍ଷଣ ପରିଡାଙ୍କ ପରଲୋକ



**ଗୋପ:୩୦।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶାର ସବୁଠାରୁ ଲୋକ ପ୍ରିୟ କବି ଏବଂ ସମ୍ମାନିତ ରାଜନେତାମାନଙ୍କ ମଧ୍ୟରୁ ଜଣେ ଥିଲେ ଶଙ୍କର୍ଷଣ ପରିଡା। ଯାହାଙ୍କୁ ସ୍ନେହରେ ସମସ୍ତେ ଶଙ୍କର ଭାଇ ବୋଲି ଡାକନ୍ତି। ସିଏ ଗତ କିଛି ମାସ ହେବ ଏକ ଗମ୍ଭୀର ରୋଗ ସହିତ ସଂଘର୍ଷ କରୁଥିଲେ। କିଛି ଦିନ ହେବ ଦୁର୍ବଳ ସ୍ୱାସ୍ଥ୍ୟାବସ୍ଥା ହେବାରୁ ତାଙ୍କୁ ଏମ୍ସ ଏବଂ ଟାଟା ମେମୋରିଆଲ୍, ମୁମ୍ବାଇରେ ଚିକିତ୍ସା କରାଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ଗୁରୁବାର ତାଙ୍କର ଅକାଳ ବିୟୋଗ ହୋଇଛି। ତାଙ୍କ ବିୟୋଗରେ ସମଗ୍ର ପୁରୀ ଜିଲ୍ଲା ଓ ରାଜନେତା ଏବଂ କବି ସାହିତ୍ୟିକଙ୍କ ମହଲରେ ଶୋକର ଛାୟା ଖେଳିଯାଇଛି। ଜଣେ ବିରଳ ସଚ୍ଚୋଟତା ଏବଂ ସାହସର ବ୍ୟକ୍ତି, ସେ ସମାଜ ସେବା, ଶିକ୍ଷା, ସାହିତ୍ୟ ଏବଂ ଓଡ଼ିଆ ଭାଷା ପାଇଁ ତାଙ୍କ ଜୀବନ ଉତ୍ସର୍ଗ କରିଥିଲେ, ଏହାର ମର୍ଯ୍ୟାଦା ରକ୍ଷା ପାଇଁ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ପୁରୀ ଜିଲ୍ଲାର 'ସମ୍ବାଦ ବ୍ୟୁରୋ ମୁଖ୍ୟ' ଭାବରେ କାର୍ଯ୍ୟ କରୁଥିବା ସମୟଠାରୁ ନିମାପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ବିଜେପି ପକ୍ଷରୁ ବିଧାୟକ ପ୍ରାର୍ଥୀ ହେବା ପର୍ଯ୍ୟନ୍ତ। ସମସ୍ତେ ତାଙ୍କ ସହିତ ରହିଥିଲେ କିନ୍ତୁ ତାଙ୍କର ଚିକିତ୍ସା ପାଇଁ ଅର୍ଥ ବାଧକ ଖବର ସୋସିଆଲ ମିଡିଆରେ ଜଣାପଡିବା ପରେ ଅନେକ ବ୍ୟକ୍ତି ବିଶେଷ ସହାୟତା ହାତ ବଢ଼ାଇବାକୁ ଆଗ୍ରହ ପ୍ରକାଶ କରିଥିଲେ, କିନ୍ତୁ କାହାରି ଠାରୁ ଆର୍ଥିକ ସହାୟତା ନେବାକୁ ମନା କରିଥିଲେ। ତାଙ୍କର ଅକାଳ ବିୟୋଗରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସହ ପୁରୀ ଜିଲ୍ଲାର ସମସ୍ତ ରାଜନେତାଙ୍କ ଠାରୁ ଆରମ୍ଭ କରି ରାଜ୍ୟର ସମସ୍ତ ରାଜନେତାମାନେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

## ମୋନ୍ଥା ପ୍ରଭାବରେ ଧାନଫସଲ ବ୍ୟାପକ କ୍ଷୟକ୍ଷତି ଆଶଙ୍କା

**କେନ୍ଦ୍ରାପଡା:୩୦।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ସାମୁଦ୍ରିକ ଝଡ଼ ମୋନ୍ଥା ପ୍ରଭାବରେ କେନ୍ଦ୍ରାପଡା ଜିଲ୍ଲାରେ ଦୁଇଦିନ ଧରି ପ୍ରବଳ ବର୍ଷା ହୋଇଛି। ଜିଲ୍ଲାରେ ଗତ ମଙ୍ଗଳବାର ହାରାହାରି ୧୯.୬୭ମିମି ବର୍ଷା ହୋଇଥିବା ବେଳେ ବୁଧବାର ୫୫.୭୮ମିମି ବର୍ଷା ହୋଇଥିବା ରେକର୍ଡ଼ କରାଯାଇଛି। ଆଳି ବ୍ଲକରେ ସର୍ବାଧିକ ୯୧ ମିମି ବର୍ଷା ହୋଇଥିବା ବେଳେ ମହାକାଳପଡ଼ାରେ ସର୍ବନିମ୍ନ ୩୭ ମିମି ବର୍ଷା ହୋଇଛି। ଡେରାବିଶ ବ୍ଲକରେ ୬୧ ମିମି, ପଟ୍ଟାମୁଣ୍ଡାଇ ବ୍ଲକରେ ୫୮ ମିମି, ରାଜକନିକା ବ୍ଲକରେ ମଧ ୫୮ ମିମି, କେନ୍ଦ୍ରାପଡ଼ା ବ୍ଲକରେ ୫୫ ମିମି, ରାଜନଗର ବ୍ଲକରେ ୫୨ ମିମି, ଗରଦପୁର ବ୍ଲକରେ ମଧ ୫୨ ମିମି, ମାର୍ଶାଘାଇ ବ୍ଲକରେ ୩୮ ମିମି ବର୍ଷା ହୋଇଛି। କୃଷି ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ଚଳିତ ବର୍ଷ ୧ ଲକ୍ଷ ୨୫ ହଜାର ହେକ୍ଟରରୁ ଅଧିକ ଜମିରେ ଧାନ ଚାଷ ହୋଇଛି। ତେବେ ବର୍ଷା ଓ ପବନ ମାଡ଼ରେ ଶହ ଶହ ହେକ୍ଟର ଧାନ ଅଗାଡି ହୋଇଯିବ ବୋଲି ଚାଷୀମାନେ ଆଶଙ୍କା ପ୍ରକାଶ କରୁଛନ୍ତି। ଚାଷୀମାନେ ବିଭିନ୍ନ ଧାର କରଜ କରି ଧାନ ଚାଷ କରିଥିଲେ। ଚଳିତ ବର୍ଷ ଧାନ ଫସଲ ବି ଭଲ ହୋଇଥିଲା। ହେଲେ ଆହାର ନେବାବେଳେ ପବନ ଓ ବର୍ଷା ହେବା ଦ୍ୱାରା ଧାନଗଛ ବିଲରେ ଶୋଇ ପଡିଛି। ଫଳରେ ଧାନ କେଣ୍ଡାରୁ ଅଧିକାଂଶ ଅଗାଡି ହୋଇଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଏହି ପରିସ୍ଥିତିରେ ଚାଷୀ ପର୍ଯ୍ୟାପ୍ତ କ୍ଷତି ସହିବା ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ। ତେଣୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାର ଯଦି ସଠିକ ଭାବେ କ୍ଷତିପୂରଣ ପ୍ରଦାନ କରିବେ ତାହା ହେଲେ ଚାଷୀକୂଳ ଆଶ୍ୱସ୍ତ ହୋଇପାରିବା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କହିବା କଥାଯେ, ଚଳିତ ବାତ୍ୟାରେ ଧାନ ଫସଲ ଏତେଟା ନଷ୍ଟ ହେବାର ସମ୍ଭାବନା ନାହିଁ। ତେଣୁ ଚାଷୀମାନେ ବିଚଳିତ କୌଣସି କାରଣ ନାହିଁ ବୋଲି ସେ କହିଛନ୍ତି।

## ରାଷ୍ଟ୍ରୀୟ ଏକତା ଦିବସ




**ଭଣ୍ଡାରିପୋଖରୀ:୩୦।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ଭଣ୍ଡାରିପୋଖରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ଗୁରୁବାର ଅଧକ୍ଷ ଭରତ ଚନ୍ଦ୍ର କରଣଙ୍କ ପୌରହିତ୍ୟରେ ପାଳନ କରାଯାଇଛି। ଏଥିରେ ଥାନାଧିକାରୀ କମଳାକାନ୍ତ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଭାରତର ପ୍ରଥମ ଉପପ୍ରଧାନମନ୍ତ୍ରୀ, ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ପାଳନ ଅବସରରେ ଗଭୀର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ସର୍ଦ୍ଦାର ବଳିଷ୍ଠ ନେତୃତ୍ୱ ଦ୍ୱାରା ଦେଶୀୟ ରାଜ୍ୟ ସମୂହକୁ ଭାରତରେ ମିଶ୍ରଣ ହୋଇ ରାଷ୍ଟ୍ରୀୟ ଏକତା ଓ ଅଖଣ୍ଡତାକୁ ଦୃଢ଼ିଭୂତ କରିଥିଲା। ପ୍ରତ୍ୟେକ ଭାରତବାସୀ ସର୍ଦ୍ଦାରଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ରାଷ୍ଟ୍ରପ୍ରତି ସମର୍ପିତ ଭାବେ କାର୍ଯ୍ୟ କରିବାକୁ ଶ୍ରୀ ଦାସ ପରାମର୍ଶ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ ପ୍ରତିଯୋଗୀତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ଅନନ୍ତ କିଶୋର ମହାପାତ୍ର ଅତିଥି ପରିଚୟ ଓ ଅଧ୍ୟାପକ ହରିହର ସାହୁ ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ମଦନ ମୋହନ ପଣ୍ଡା, ଅଧ୍ୟାପିକା ମମିତାରାଣୀ ନାୟକ ଓ ବିଦ୍ୟାଳୟର ସମସ୍ତ କର୍ମଚାରୀମାନେ କାର୍ଯ୍ୟକ୍ରମ ପାଳନରେ ସହଯୋଗ କରିଥିଲେ।

## ମୃତ ବ୍ୟକ୍ତିର ପରିଚୟ ମିଳିଲା

**ଯାଜପୁର:୩୦।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ଗତ ମଙ୍ଗଳବାର ଦିନ ବୈଦ୍ୟରାଜପୁର କେନାଲରେ ଏକ ମୃତ ଦେହ ଭାସୁଥିବାର ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ପୋଲିସ ଓ ଅଗ୍ନିଶମବାହିନୀ ପହଞ୍ଚି ମୃତ ଦେହକୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ। ବୁଧବାର ଦିନ ମୃତ ବ୍ୟକ୍ତିକୁ ପରିବାର ଲୋକ ଚିହ୍ନଟ କରିଛନ୍ତି। ମୃତ ବ୍ୟକ୍ତିର ନାମ ରବୀନ୍ଦ୍ର ସାହୁ(୫୬) ଯାଜପୁର ରୋଡ଼ ନିକଟସ୍ଥ ପଦ୍ମାପୁର ଗ୍ରାମର ବୋଲି ଜଣାପଡ଼ିଛି। ସୂଚନା ଯୋଗ୍ୟ ଯେ, ନିଖୋଜ ଥିବା ରବୀନ୍ଦ୍ର ପରିବାର ଗତ ମଙ୍ଗଳବାର ସୂଚନା ପାଇ ଯାଜପୁରକୁ ଆସିଥିଲେ। ମୃତ ବ୍ୟକ୍ତିକୁ ଦେଖି ଚିହ୍ନଟ କରିନଥିଲେ। ବୁଧବାର ମୃତ ବ୍ୟକ୍ତିର ଧର୍ମପତ୍ନୀ, ଝିଅ, ପୁଅ ଓ ଗ୍ରାମବାସୀ ଆସି ପୁର୍ନବାର ମୃତ ଦେହ ଦେଖିବା ସହ ଏହି ମୃତ ଦେହଟି ରବୀନ୍ଦ୍ରର ବୋଲି ଚିହ୍ନଟ କରିଥିଲେ। ରବିନ୍ଦ୍ର ଯାଜପୁର ସଦରଥାନା ମାଳଆନ୍ଦପୁର ନିକଟରୁ ନିଖୋଜ ହୋଇଯାଇଥିଲେ। ପୋଲିସ ଏହାର ଖୋଳତାଡ଼ କରୁଥିବା ନେଇ ଜଣାପଡ଼ିଛି।

## ମା'ଙ୍କ ଭସାଣି ଯାତ୍ରାରେ ମନମୋହିଲା ଅଘୋରି ନୃତ୍ୟ

**ନୀଳଗିରି:୩୦।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**



ବାଲେଶ୍ୱର ଜିଲ୍ଲା ନୀଳଗିରିର ସର୍ବପୁରାତନ ଗୁଣ୍ଡିଚ଼ା ମନ୍ଦିର ମାକାଳୀ ପୂଜାକମିଟି ପକ୍ଷରୁ ଚ଼ଳିତବର୍ଷ ମା'ଙ୍କ ପୂଜା ଧୁମଧାମରେ ପାଳିତ ହୋଇଯାଇଛି। ସୁନ୍ଦର ତୋରଣ ସାଙ୍ଗକୁ ଅତ୍ୟାଧୁନିକ ଆଲୋକମାଳାରେ ସୁସଜ୍ଜିତ ସହିତ ଚ଼ିତ୍ତାକର୍ଷକ କୁଞ୍ଜର ବେଶ ମଜା ଉଠାଇଥିଲେ ନୀଳଗିରି ତଥା ଆଖପାଖ ଅଞ୍ଚଳର ଜନସାଧାରଣ। ପ୍ରାୟ ୧୦ଦିନ ଧରି ପାଳିତ ହେବା ପରେ ମା'କାଳୀଙ୍କୁ ବିଦାୟ ଦେଇଛନ୍ତି ଶ୍ରୀ ଗୁଣ୍ଡିଚ଼ାମନ୍ଦିର ମକ୍ଷ କାଳୀ ପୂଜା କମିଟି। ଏହି ୧୦ଦିନ ମଧ୍ୟରେ ଭକ୍ତ, ଶ୍ରଦ୍ଧାଳୁ ଓ ଜନସାଧାରଣଙ୍କୁ କମିଟି ପକ୍ଷରୁ କନିକା ପ୍ରସାଦ ଓ ପ୍ରସାଦସେବନର ବ୍ୟବସ୍ଥା କରାଯାଇଥିଲା। ଗୁରୁବାର ମା'ଙ୍କ ଭସାଣି ଯାତ୍ରାରେ ସୁଦୂର ଯାଜପୁର ଓ କେନ୍ଦ୍ରାପଡା ଅଞ୍ଚଳରୁ ଆସିଥିବା ଆଘୋରୀ ନୃତ୍ୟ ସଂସ୍ଥା ପକ୍ଷରୁ ଅତ୍ୟନ୍ତ ଚ଼ିତ୍ତାକର୍ଷକ ଅଘୋରୀ ନାଚ୍ ପ୍ରଦର୍ଶନ କରି ନୀଳଗିରିବାସୀଙ୍କ ହୃଦୟ ଜିଣିଥିଲେ। ଏହି ନୃତ୍ୟ ଦେଖିବା ପାଇଁ ନୀଳଗିରି ତଥା ଆଖପାଖ ଅଞ୍ଚଳର ପ୍ରବଳ ସଂଖ୍ୟାରେ ଜନସାଧାରଣ ଭିଡ ଜମାଇଥିଲେ। ଭିଡ଼କୁ ଦୃଷ୍ଟିରେ ରଖି ନୀଳଗିରି ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପାଗ ଅନୁକୂଳ ଥିବାରୁ ଅଘୋରୀ ନୃତ୍ୟ ଦେଖିବାକୁ ପ୍ରବଳ ସଂଖ୍ୟାରେ ଜନସମାଗମ ହୋଇଥିଲା।

## ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ପୁରୁଣା ଜାହାଜର ଭଗ୍ନାବଶେଷ

**ରାଜନଗର:୩୦।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବନଖଣ୍ଡ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ଏକକୂଳାନାସି ଠାରୁ ପ୍ରାୟ ଏକ କିମି ଦୂରରେ ଏକ ବହୁଦିନର ଜାହାଜର ଭଗ୍ନାବଶେଷ ଦେଖିବାକୁ ମିଳିଛି। ବନବିଭାଗ କର୍ମଚ଼ାରୀମାନଙ୍କ କହିବାନୁଯାୟୀ ଦୀର୍ଘଦିନ ହେବ ଏହି ଜାହାଜର ଭଗ୍ନାଂଶ ଭଟ୍ଟା ବେଳେ ଦେଖାଯାଇଥାଏ। ଏହି ଜାହାଜରେ ଚୀନ କିମ୍ବା ଅନ୍ୟ କେଉଁ ଭାଷାରେ ଲେଖା ଯାଇଥିବାରୁ ପଢି ହେଉ ନଥିବାରୁ କେଉଁ ଦେଶର ଜାହାଜ ଜଣାପ ଆଲୁମିନିୟମରେ ନିର୍ମାଣ ହେଇଥିବାରୁ ଏହା ପୁରାତନ ଜାହାଜର ଭଗ୍ନାବଶେଷ ବୋଲି କୁହାଯାଉଛି। ଯାହାକି ବହୁଦିନ ପୂର୍ବରୁ କୌଣସି ଦୁର୍ଘଟଣା କିମ୍ବା ଅନ୍ୟ କାରଣରୁ ନଷ୍ଟ ହୋଇ ଯାଇଛି ବଙ୍ଗୋପସାଗର ମଧ୍ୟରେ। ପୂର୍ବରୁ ସମୁଦ୍ର ଭଟ୍ଟା ସମୟରେ ଏହି ଭଗ୍ନାବଶେଷ ଅଳ୍ପ ଦେଖାଯାଉଥିବା ବେଳେ ଏବେ ଅଧିକ ପରିମାଣରେ ଦେଖିବାକୁ ମିଳିଛି। ବାତ୍ୟା ମ୍ୟା ଯୋଗୁଁ ସାମାନ୍ୟ କୂଳ ନିକଟକୁ ଭାସି ଆସିଥିବାରୁ ଏହା ଅଧିକ ଦେଖିବାକୁ ମିଳୁଛି ବୋଲି ମତ୍ସ୍ୟଜୀବି ମାନେ କହୁଛନ୍ତି। ଏହି ଜାହାଜ ମଧ୍ୟରେ ଲେଖାଥିବା ଭାଷାକୁ ଅଧ୍ୟୟନ କଲେ, ଏହା କେଉଁ ଦେଶର ଜାହାଜ, କେବେ କେଉଁଠି ଓ କେଉଁ କାରଣରୁ ବୁଡିଥିଲା ସେ ସମ୍ପର୍କରେ ସବିଶେଷ ତଥ୍ୟ ଜାଣି ହୁଅନ୍ତା ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି।

## ନିରାଶ୍ରୟା ବୃଦ୍ଧାଙ୍କୁ ପୌଢାଶ୍ରମରେ ଥଇଥାନ କଲା ପ୍ରଶାସନ

**ଖଣ୍ଡପଡ଼ା:୩୦।୧୦ ଏକ୍ସପ୍ରେସ୍ ନ୍ୟୁଜ୍**



ଖଣ୍ଡପଡ଼ା ସହରର ତ୍ରିନାଥ ଛକସ୍ଥିତ ଏକ ବ୍ୟବସାୟ ପ୍ରତିଷ୍ଠାନ ପରିସରରେ ଦୀର୍ଘ ମାସ ଧରି ଆଶ୍ରୟ ନେଇଥିବା ଜଣେ ଅସହାୟ ବୃଦ୍ଧାଙ୍କୁ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ରଙ୍କ ଉଦ୍ୟମକ୍ରମେ ନୟାଗଡସ୍ଥିତ ସମର୍ପଣ ପୌଢାଶ୍ରମରେ ଥଇଥାନ କରାଯାଇଥିବା ଜଣାପଡିଛି। ସୂଚନାଯୋଗ୍ୟ ବୃଦ୍ଧା ମିନିକା ପାଳ (୭୫)ଙ୍କ ଘର ଖଣ୍ଡପଡ଼ା ବ୍ଲକ ଅଧିନ ମର୍ଦ୍ଦରାଜପୁର ପଞ୍ଚାୟତର ହରିଚନ୍ଦନପୁର ଗ୍ରାମରେ ଅଟେ ବୋଲି ଜଣାପଡିଛି। ସଂପୃକ୍ତ ବୃଦ୍ଧା ଜଣକ ସ୍ୱାମୀଙ୍କ ସହ ଖଣ୍ଡପଡ଼ା ସହରରେ ଏକ ଘର ଭଡା ନେଇ ରହୁଥିବା ବେଳେ ସ୍ୱାମୀ ବଙ୍କି ପାଳଙ୍କର ଗତ କିଛି ମାସ ତଳେ ମୃତ୍ୟୁ ହୋଇଥିଲା। ସ୍ୱାମୀଙ୍କ ମୃତ୍ୟୁ ପରେ ବୃଦ୍ଧା ଜଣକ ସଂପୂର୍ଣ୍ଣ ବେସାହାରା ହୋଇ ପଡିଥିଲେ। ସେ ଭଡା ଘରେ ରହୁଥିବା ବେଳେ ପ୍ରତିମାସରେ ଘରଭଡା ବାବଦ ଅର୍ଥ ଦେଇ ନପାରିବାରୁ ଘର ମାଲିକ ବୃଦ୍ଧାଙ୍କୁ ଘରୁ ବାହାର କରିଦେବା ପରେ ପରିସ୍ଥିତିକ୍ରମେ ବୃଦ୍ଧା ଜଣକ କର୍ମକୁ ଆଦରି ବ୍ୟବସାୟ ପ୍ରତିଷ୍ଠାନ ପରିସରରେ ଅସହାୟ ଅବସ୍ଥାରେ ପଡି ରହିଥିଲେ। ସ୍ଥାନୀୟ ବାସିନ୍ଦା ଏ ସଂପର୍କରେ ଏନଏସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବାରେ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ବୃଦ୍ଧାଙ୍କୁ ଭେଟି ସମବେଦନା ଜଣାଇବା ସହ ତାଙ୍କୁ ବୃଦ୍ଧାଶ୍ରମରେ ଥଇଥାନ କରିଥିବା ନେଇ ସୂଚନା ମିଳିଥିବା ବେଳେ ବୃଦ୍ଧାଙ୍କର ୨ ପୁଅ ଥିବା ହରିଚନ୍ଦନପୁର ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡିଛି।

## ମହାବଦ୍ୟାଳୟରେ ସାଇବର କ୍ରାଇମ, ନିଶା ମୁକ୍ତି ଓ ଦୁର୍ନୀତି ନିବାରଣ

**କୁଚିଣ୍ଡା:୩୦।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**




କୁଚିଣ୍ଡା ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଓ କୁଚିଣ୍ଡା ପୋଲିସ ବିଭାଗ ମିଳିତ ଆନୁକୁଲ୍ୟରେ ସାଇବର କ୍ରାଇମ୍, ନିଶା ମୁକ୍ତି ଓ ଦୁର୍ନୀତି ନିବାରଣ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ପୋଲିସ ବାହିନୀ ପକ୍ଷରୁ ଚ଼ାଲୁଥିବା ସାଇବର ରଥକୁ ସ୍ୱାଗତ କରାଯାଇଥିଲା। ଅଧକ୍ଷ ମନୋଜ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରୁ ସମସ୍ତ ସମ୍ମାନିତ ଅତିଥି ଦୀପ ପ୍ରଜ୍ୱଳନ କରିଥିଲେ ଓ ଛାତ୍ରଛାତ୍ରିମାନେ ଏନଏସଏସ ଲକ୍ଷ୍ୟ ଗୀତ ଗାନ କରିଥିଲେ। ଉଦ୍ଭିଦ ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ. ଆଲୋକ ପଟେଲ ଅତିଥି ପରିଚ଼ୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ କୁଚିଣ୍ଡା ଆରକ୍ଷୀ ଅଧିକ୍ଷକ ପ୍ରଦୀପ କୁମାର ଦାସ ଯୋଗଦେଇ ସାଇବର ଠକେଇ ନିଶା ମୁକ୍ତି ଓ ଦୁର୍ନୀତି ନିବାରଣ ପାଇଁ ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ। ମୁଖ୍ୟବକ୍ତା କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନାର ଡାକ୍ତର ଦୋରା ଯୋଗ ଦେଇ ନିଶା ସେବନର ଅପକରିତା ଓ ଶରୀର ଉପରେ କୁପ୍ରଭାବ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ରୂପେ ଯୋଗଦେଇ ବାଣିଜ୍ୟ ବିଭାଗର ଅଧ୍ୟାପକ ପ୍ରମୋଦ କୁମାର ସ୍ୱାଇଁ ସମାଜ ଉପରେ ପ୍ରଭାବ ଏବଂ ସଚେତନତା ଉପରେ ବାର୍ତ୍ତା ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ +୩ ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପିକା ବେଳମତି କୁମୁରା କର୍ଯ୍ୟମକୁ ପରିଚ଼ାଳନା କରିଥିବାବେଳେ ଓଡ଼ିଆ ବିଭାଗ ଅଧ୍ୟାପିକା ଡ. ମମତା ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ +୨ ବିଭାଗର ଏନଏସଏସ ପ୍ରୋଗ୍ରାମ ଅଫିସର ଖୁର୍ଶିଦାରା ବେଗମ୍ ସହଯୋଗ କରିଥିଲେ। ସମ୍ବଲପୁର ସାଇବର ସେଲ୍ର ସବ-ଇନ୍ସପେକ୍ଟର ବିଶ୍ୱରଞ୍ଜନ ରାଉତରାୟ ସାଇବର ଠକେଇ ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚ଼ନା କରିଥିଲେ। ପୋଲିସ ବିଭାଗ ତରଫରୁ ଆୟୋଜିତ କୁଇଜ୍ ପ୍ରତିଯୋଗିତାରେ ଅଙ୍କିତ ମେହେର, ଗୀତାଞ୍ଜଳି ସାହୁ ଓ ଶୋଭାରାଣୀ ପାତ୍ର କ୍ରମାନୁଯାୟୀ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅଧ୍ୟାପକ ଡ. ସୁମନ୍ତ ପଟେଲ୍, ଗଣନାଥ ପଟେଲ, ମୁନା ବାଗ, ସତ୍ୟମ୍ ପଟେଲ୍, ଦୀପକ ବିଶ୍ୱାଳ, ସୁଧାଂଶୁ ମହାପାତ୍ର, ଅଭିନ୍ କିଶାନ, ଭିକାରୀ ଓରମ୍, ନିର୍ମଳ ଉର୍ମା, ମହାଦେବ ମେହେର, ମଣ୍ଟୁ ଭୁଏ, ଅଧ୍ୟାପିକା ଡ. ମେନକା ନାଏକ, ମଞ୍ଜୁଶ୍ରୀ ଦାସ, ଜିନୀୟା ଭଟ୍ଟାଚ଼ାର୍ଯ୍ୟ, ସୁଷମା କର, ମମତା ଟପ୍ପୁ, ଜୟନ୍ତୀ ସିଂହ, ପି.ଇ.ଟି ବିଜୟ କଉଡ଼ି ପୋଲିସ ବିଭାଗର ସବ-ଇନ୍ସପେକ୍ଟର ହାଡୁ ବେହେରା, ଲକ୍ଷ୍ମି ପ୍ରଧାନ, ଅମର ହୋତାଙ୍କ ସମେତ ବିପୁଳ ସଂଖ୍ୟାରେ ଛାତ୍ରଛାତ୍ରୀମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରାଇଥିଲେ।

## ବୀର ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଇଁ ପ୍ରସ୍ତୁତି

**କୁଚିଣ୍ଡା:୩୦।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ସମ୍ବଲପୁର ଜିଲ୍ଲା କୁଚିଣ୍ଡା ସ୍ଥିତ ଶ୍ରମିକ ଭବନ ଠାରେ ଅନୁସୂଚିତ ଜାତି ଏବଂ ଜନଜାତି ବିକାଶ ପରିଷଦ ପକ୍ଷରୁ ବୀର ବିର୍ସା ମୁଣ୍ଡାଙ୍କ ୧୫୧ତମ ଜନ୍ମ ଜୟନ୍ତୀ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସମ୍ପାଦକ ମନୋରଞ୍ଜନ ଭୋଇଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ, ନୂତନ ହୋଇ ଗଢ଼ି ଉଠିଥିବା ଅନୁସୂଚିତ ଜାତି ଏବଂ ଜନଜାତି ବିକାଶ ପରିଷଦକୁ ଇତି ମଧ୍ୟରେ ଏକବର୍ଷ ପୂର୍ଣ୍ଣ ହୋଇଯାଇଛି ଏବଂ ସଂଗଠନ ଲୋକାଭିମୁଖୀ ହେବାରେ ଲାଗିଛି। ଏଣୁ କରି ଧର୍ତୀ ଆବା ସହିଦ୍ ବୀର ବିର୍ସା ମୁଣ୍ଡାଙ୍କ ୧୫୧ତମ ଜନ୍ମ ଜୟନ୍ତୀକୁ ଧୁମଧାମରେ ପାଳନ କରିବା ପାଇଁ ବିଭିନ୍ନ ପ୍ରକାର ପ୍ରସ୍ତାବ ଗ୍ରହଣ କରାଯାଇଥିଲା ଏବଂ ଜୟନ୍ତୀ ଉତ୍ସବକୁ ଜନ ମାନସରେ ଆଦୃତ କରିବାପାଇଁ ଓ ସୁନ୍ଦରରୂପେ ସମାପନ କରିବା ପାଇଁ ଦୁଇଟି କମିଟି ଗଠନ କରାଯାଇଥିଲା। ଏହି ଜୟନ୍ତୀ ପାଳନ ଅବସରରେ ଅନୁସୂଚିତ ଜାତି ଏବଂ ଜନଜାତି ବିକାଶ ପରିଷଦ ଅନ୍ତର୍ଗତ ସମସ୍ତ ଜାତି ସମୂହଙ୍କୁ ଏଥିରେ ଅଧିକରୁ ଅଧିକ ସାମିଲ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଥିରେ ସମ୍ପାଦକ ମନୋରଞ୍ଜନ ଭୋଇ, ଅବସର ପ୍ରାପ୍ତ ଆର୍ମି ସୁଶିଲ କିସାନ, ବ୍ଲକ ସଭାପତି ଲିଙ୍ଗରାଜ ବାଘ, ଟାଉନ ସଭାପତି ସଞ୍ଜୟ ମହାନନ୍ଦ, ଗାୟକ ଏବଂ ସମାଜସେବୀ ପଙ୍କଜ ଜୟପୁରିଆ, ସ୍ୱେଚ୍ଛାସେବୀ ଚନ୍ଦ୍ରମଣି ମାଝୀ, ଜନ କାମେଲ ଲାକ୍ରା, ଲବଣୀ ନାଏକ, ଗୁଣ ନାଏକ, ଇଥିଏଲ କିଣ୍ଡୋ, ଅରୁଣ ନାଏକ ପ୍ରମୁଖ ସାମିଲ ହୋଇଥିଲେ।

## ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକ

**ବ୍ରହ୍ମପୁର:୩୦।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**



ପ୍ରତ୍ୟେକ ଦିନ ସଡକ ଦୁର୍ଘଟଣା ଘଟୁଛି। ଗଞ୍ଜାମ ଜିଲ୍ଲାରେ ମଧ ସଡକ ଦୁର୍ଘଟଣା ସଂଖ୍ୟା ବୃଦ୍ଧିପାଉଛି। ଏନେଇ ବୁଧବାର ଜିଲ୍ଲାପାଳ ଭି.କୀର୍ତ୍ତି ଭାସନ ଅଧ୍ୟକ୍ଷତାରେ ଛତ୍ରପୁର ସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାରେ ଚ଼ଳିତ ବର୍ଷ ୨୦୨୫ ଜାନୁଆରୀରୁ ସେପ୍ଟେମ୍ବରରେ ପୂର୍ବ ବର୍ଷ ଅପେକ୍ଷା ୯ ପ୍ରତିଶତ ସଡକ ଦୁର୍ଘଟଣାରେ ହାର ବଢିଥିବା ବେଳେ ୧୪ ପ୍ରତିଶତ ମଧ ମୃତ୍ୟୁହାର ବୃଦ୍ଧି ପାଇଛି। ୨୦୨୪ ଜାନୁଆରୀରୁ ସେପ୍ଟେମ୍ବର ମଧ୍ୟରେ ୬୧୭ଟି ସଡକ ଦୁର୍ଘଟଣା ଘଟିଥିବା ବେଳେ ୩୦୦ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ୪୧୭ ଜଣଙ୍କ ଆହାତ ହୋଇଥିବା ବେଳେ ସେହିତୁଳନାରେ ୨୦୨୫ରେ ୬୭୪ଟି ଦୁର୍ଘଟଣା ହୋଇଥିବା ବେଳେ ୩୪୩ ଜଣ ମୃତ୍ୟୁ ଓ ୪୪୪ ଜଣ ଆହତ ହୋଇଥିବା ବୈଠକରେ ଗଞ୍ଜାମ ଆରଟିଓ ଇ.ଦେବାଶିଷ ସ୍ୱାଇଁ କହିଥିଲେ। ବିଶେଷ କରି ରାଜପଥ ଗୁଡିକରେ ଅଧିକ ଦୁର୍ଘଟଣା ହୋଇ ମୃତ୍ୟୁ ହେଉଛନ୍ତି। କିପରି ଏହା ଉପରେ ରୋକ ଲାଗିବ ସେନେଇ ଏନଫୋର୍ସମେଣ୍ଟକୁ କଡାକଡି କରିବାକୁ କୁହାଯାଇଛି। ଗଞ୍ଜାମ ପୋଲିସ ଜିଲ୍ଲାରେ ୫ଟି ଥାନା ଅଞ୍ଚଳରେ ଓ ବ୍ରହ୍ମପୁର ପୋଲିସ ଜିଲ୍ଲାରେ ୩ଟି ଥାନା ଅଞ୍ଚଳରେ ଅଧିକ ସଡକ ଦୁର୍ଘଟଣା ଘଟୁଛି। ଏହି ଅଞ୍ଚଳ ଏବଂ ବ୍ଲକ ସପ୍ତ ଅଞ୍ଚଳରେ କିପରି ଦୁର୍ଘଟଣା କମିବ ସେନେଇ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ। ସହରରେ ବିଭିନ୍ନ ରାସ୍ତାରେ ବେଆଇନ ଭାବେ ଗାଡି ପାର୍କିଂ କରିରଖୁଛନ୍ତି ଏବେ ଗାଡି ମାଲିକ ବିରୁଦ୍ଧରେ ଜୋରିମନା ପକାଯିବ। ସେହିପରି ରାସ୍ତାରେ ଗାଇ ପାଇଁ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି ଯଦି ଗାଇ ପାଇଁ କୌଣସି ସ୍ଥାନରେ ଦୁର୍ଘଟଣା ଘଟିବ ତେବେ ମାଲିକ ବିରୁଦ୍ଧରେ ଦୃଢ କାର୍ଯ୍ୟନୁଷ୍ଠାନ। ଏବେ ରାସ୍ତାରେ ଗାଇ ଛାଡିଲେ ତାହାକୁ ଉଠାଯିବ ଏନେଇ ଏନଏଚ୍ଏଆଇ ଗାଡି ଯୋଗାଇବ। ତପ୍ତପାଣି ଘାଟି ପାଇଁ ବିଭିନ୍ନ ସମୟରେ ସଡକ ଦୁର୍ଘଟଣା ଘଟୁଥିବା ତାହାକୁ ନଜରରେ ରଖି ସେଠାରେ ଏକ ସର୍ଭେ କରାଯାଇ କ'ଣ ସବୁ ପଦକ୍ଷେପ ନେବା ଆବଶ୍ୟକ ସନେଇ ଆରଟିଓଙ୍କୁ କୁହାଯାଇଛି। ଜାନୁୟାରୀରୁ ସେପ୍ଟେମ୍ବର ମାସ ମଧ୍ୟରେ ପୋଲିସ ଓ ପରିବହନ ବିଭାଗ ପକ୍ଷରୁ ୧୮୫୪ଟି ଲାଇସେନ୍ସ ସସପେଣ୍ଡ କରାଯାଇଛି। ଅଧିକରୁ ଅଧିକ ଗାଡି ଯାଞ୍ଚ କରି ଯେଉଁମାନେ ସଡକ ସୁରକ୍ଷା ନିୟମ ମାନୁନାହାନ୍ତ ଲାଇସେନ୍ସ ରଦ୍ଦ କରିବାକୁ କୁହାଯାଇଛି। ରାତ୍ର ସମୟରେ ବହୁ ଯାତ୍ରୀବାହି ବସ ଚ଼ଳାଚ଼ଳ କରୁଥିବାରୁ ଗାଡି ଚ଼ାଳକ ମଦ୍ୟପାନ କରି ଚ଼ଲାଉଛି କି ନାହିଁ ଏନେଇ ଦୁଇ ପୋଲିସ ଜିଲ୍ଲା ଓ ପରିବହନ ବିଭାଗ ମିଳିତ କଡାକଡି ଯାଞ୍ଚ କରିବାକୁ କୁହାଯାଇଛି ଏନେଇ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯିବ।

## ଖର୍ଡାଙ୍ଗ ଠାରେ ଭାଗବତ ପାରାୟଣ

**ମାହାଙ୍ଗା:୩୦।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଆନନ୍ଦପୁର ପଞ୍ଚାୟତ ଖର୍ଡାଙ୍ଗସ୍ଥିତ ଇଚ୍ଛାବଟ ମହାପୁରୁଷ ପୀଠ ଧନୁବାବ ମଠ ପରିସରରେ ୭ ଦିନ ବ୍ୟାପୀ ଭାଗବତ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ତ୍ତା ଭାବେ ପୂର୍ଣ୍ଣଚନ୍ଦ୍ର ପୁହାଣ ପୂଜା କାର୍ଯ୍ୟରେ ବସିଥିବାବେଳେ ପୂଜକ ଭାବେ ବରିଷ୍ଠ ପଣ୍ଡିତ ଶରତ କୁମାର ଷଡଙ୍ଗୀ ପୂଜା କାର୍ଯ୍ୟ ସଂପାଦନ କରିଥିଲେ। ଏହି ଅବସରରେ ଗୋପୂଜା, ସୂର୍ଯ୍ୟପୂଜା, ଅଗ୍ନି ସଂଯୋଗ ଓ ହୋମଯଜ୍ଞ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ସନ୍ଧ୍ୟାରେ ଭଜନ ଓ କୀର୍ତ୍ତନ ଆଦି ସାଂସ୍କୃତିକ କାର୍ଯକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ପ୍ରବଚକ ଭାବେ ବ୍ରହ୍ମଚାରୀ ସତ୍ୟ ଚୈତନ୍ୟ, ଦିବ୍ୟସୁନ୍ଦର ଆଚାର୍ଯ୍ୟ ଓ ଜୟକୃଷ୍ଣ ଦାସ ପ୍ରମୁଖ ପ୍ରବଚନ ଦେଇଥିବାବେଳେ ବୀରକିଶୋର ପଲେଇ, ସରୋଜ ସାମଲ, ଧିରେନ୍ଦ୍ର ସ୍ୱାଇଁ, ଅଜୟ ବରାଳ, ଭାଗ୍ୟଧର ବାରିକ, ବସନ୍ତ ସାମଲ, ଦୁଃଶାସନ ବାରିକ ପ୍ରମୁଖ ଭାଗବତ ପଠନ କରିଥିଲେ। ଏଥିରେ ଅନୁଷ୍ଠାନର ସଭାପତି ଅଜୟ ଚନ୍ଦ୍ର ସାହୁ, ସଂପାଦକ ଧରଣୀଧର ବାରିକ, ଉପସଭାପତି ଜଳଧର ପରିଡା, ସହ ସଂପାଦକ ନାରାୟଣ ରାଉତ, ପ୍ରତାପ କୁମାର ବିଶ୍ୱାଳ, ଶତ୍ରୁଘ୍ନ ବିଶ୍ୱାଳ, ରତ୍ନାକର ଲେଙ୍କା, ସତ୍ୟାନନ୍ଦ ବାରିକ, ପ୍ରମୋଦ ବେହେରା, ଅକ୍ଷୟ ସ୍ୱାଇଁ, ପ୍ରମୋଦ ପଟ୍ଟନାୟକ, ପ୍ରକାଶ ବାରିକ, ଗଣେଶ୍ୱର ବାରିକ, ନବ ବିଶ୍ୱାଳ, ସନ୍ଦୀପ ବିଶ୍ୱାଳ, ପିତାମ୍ବର ବାରିକ, ରବୀନ୍ଦ୍ର ବିଶ୍ୱାଳ, ରଞ୍ଜନ ସାହୁ, ହୃଷିକେଶ ବିଶ୍ୱାଳ, ବାବୁନି ବିଶ୍ୱାଳ, ଅଜୟ ସ୍ୱାଇଁ, ବିଜୟ ସ୍ୱାଇଁ, ମନୋରଞ୍ଜନ ପଲେଇଙ୍କ ସମେତ ଇଚ୍ଛାବଟ ସାଂସ୍କୃତିକ ପରିଷଦର ସମସ୍ତ ସଦସ୍ୟ ଓ ଗ୍ରାମବାସୀମାନେ ଉପସ୍ଥିତ ରହି ସହଯୋଗ କରୁଥିବାବେଳେ ସମସ୍ତଙ୍କ ନିମନ୍ତେ ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଥିଲା।

## ନିଗମାନନ୍ଦ ହାଇସ୍କୁଲରେ ନୂତନ ପ୍ରଧାନଶିକ୍ଷିତ୍ରୀଙ୍କ ଯୋଗଦାନ



**ଗୋପ:୩୦।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲ୍ଲାର ବହୁ ପୁରାତନ ତଥା ବ୍ରିଟିଶ ଅମଳର ହାଇସ୍କୁଲଟି ହେଲା ଗୋପ ନିଗମାନନ୍ଦ ସରକାରୀ ହାଇସ୍କୁଲ। ଏହାର ସ୍ଥାପିତ ୧୯୪୪ ମସିହାରେ ହୋଇଥିଲା। ସେତେବେଳେ ସ୍ୱାଧୀନତା ସଂଗ୍ରାମୀ ତଥା ବିଶିଷ୍ଟ ଶିକ୍ଷାବିତ୍ ବନମାଳୀ ଦାଶ ଏହାକୁ ପ୍ରତିଷ୍ଠା କରିଥିଲେ। ଉକ୍ତ ବିଦ୍ୟାଳୟରେ ପ୍ରଥମ କରି ପ୍ରଧାନଶିକ୍ଷକ ପଦବୀ ୧୧/୦୭/୧୯୪୬ରୁ ୨୧/୦୨/୧୯୭୧ ମସିହା ପର୍ଯ୍ୟନ୍ତ ରହିଥିଲେ ସ୍ୱର୍ଗତ ବଳରାମ ରାୟ। ୩୦/୦୬/୨୦୨୪ ଭିତରେ ମୋଟ ୨୨ ଜଣ ପ୍ରଧାନଶିକ୍ଷକ ଗଲେଣି। ୨୦୨୧ ପରଠୁ ଓଡିଶାରେ ଆଉ ପ୍ରଧାନଶିକ୍ଷକ ପଦବୀ ପାଇଁ ନିଯୁକ୍ତି ମିଳିନାହିଁ। ଗତ ୨୦୨୪ ଠାରୁ ଗୋପ ନିଗମାନନ୍ଦ ହାଇସ୍କୁଲରେ ପ୍ରଧାନଶିକ୍ଷକ ପଦବୀ ଖାଲି ରହିଥିଲ। ୦୧/୦୭/୨୦୨୪ ଠାରୁ ୨୮/୧୦/୨୦୨୫ ପର୍ଯ୍ୟନ୍ତ ଅସ୍ଥାୟୀ ଭାବେ ସୁବାସ ଚନ୍ଦ୍ର ପ୍ରଧାନ ଦାୟିତ୍ୱ ନିର୍ବାହ କରୁଥିଲେ। ଦୀର୍ଘ ୧୬ ମାସ ପ୍ରତୀକ୍ଷାର ଅନ୍ତ ହୋଇଛି ଗତ ୨୯ ତାରିଖ ବୁଧବାର ଗୋପ ନିଗମାନନ୍ଦ ସରକାରୀ ହାଇସ୍କୁଲରେ ବିଜୟିନୀ ଶତପଥି ନୂତନ ପ୍ରଧାଶିକ୍ଷତ୍ରୀ ଭାବେ ଯୋଗ ଦେଇଛନ୍ତି। ପୂର୍ବରୁ ବାମନାଳ ହାଇସ୍କୁଲରେ ପ୍ରଧାନଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ଏବେ ଗୋପ ନିଗମାନନ୍ଦ ହାଇସ୍କୁଲରେ ଯୋଗ ଦେବାପରେ ବିଭିନ୍ନ ଅନୁଷ୍ଠାନ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା। ସେଥିପାଇଁ ଗୋପ ନିଗମାନନ୍ଦ ସରକାରୀ ହାଇସ୍କୁଲର ପୁରାତନ ଛାତ୍ର ସଂଗଠନ ଓ ଅବିଭାବକଙ୍କ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ଉକ୍ତ ବିଦ୍ୟାଳୟ ପୂର୍ବରୁ ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ପ୍ରଧାନଙ୍କ ଠାରୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ଅଞ୍ଚଳବାସୀଙ୍କ ଆଶା ଓ ବିଶ୍ୱସ ପୂର୍ବରୁ ପ୍ରଧାନଶିକ୍ଷକଙ୍କ ଅନୁପସ୍ଥିତରେ ଯେଉଁ ସବୁ ସମସ୍ୟା ହେଉଥିଲା ତାର ପୁନରାବୃତ୍ତି ନୁହେଁ ବୋଲି ଅବିଭାବକଙ୍କ ପକ୍ଷରୁ କାହାଯାଉଛି।

## ନିଆଳି କଲେଜରେ ମାଗଣା ସ୍ୱାସ୍ଥ୍ୟ ଶିବିର



**ନିଆଳି:୩୦।୧୦ ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳି କଲେଜର ଯୁବ ରେଡକ୍ରସ୍ ଓ୍ୱାଇଆରସିୟୁନିଟ୍ ଦ୍ୱାରା ବୁଧବାର ନିଆଳି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ସହଯୋଗରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା। ନିଆଳି କଲେଜର ଅଧକ୍ଷ ଡକ୍ଟର ବିନୋଦ ବିହାରୀ ଦାସ ଏବଂ ନିଆଳି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ତାପସ ରଞ୍ଜନ ପ୍ରଧାନ ରିବନ କାଟି ଏହି ଶିବିରର ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମଟି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ନିଆଳିର ଅଧୀକ୍ଷକ ଡାକ୍ତର ଏସ. ନବୀନଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ହୋଇଥିଲା। ଯାହାଙ୍କ ଡାକ୍ତରୀ ଦଳ ଏହି କାର୍ଯ୍ୟକ୍ରମକୁ ଏକ ମହାନ ସଫଳ କରିବା ପାଇଁ ମୂଲ୍ୟବାନ ସେବା ପ୍ରଦାନ କରିଥିଲେ। ଦଳରେ ଡାକ୍ତର ଗୋବର୍ଦ୍ଧନ ମହାପାତ୍ର ଚକ୍ଷୁ ବିଶେଷଜ୍ଞ, ଡାକ୍ତର ସୁପ୍ରିୟା ସାହୁ ଦନ୍ତ ଡାକ୍ତର ଏବଂ ଅଭୟ କୁମାର ଭୁଜବାଲା ପ୍ରୟୋଗାଳୟ ଟେକ୍ନିସିଆନ୍ ଥିଲେ। ଯେଉଁମାନେ ଶିବିର ସମୟରେ ମାଗଣା ଚିକିତ୍ସା ସେବା ପ୍ରଦାନ କରିଥିଲେ। ଶିବିରରେ ଛାତ୍ର ଏବଂ କର୍ମଚାରୀ ଉଭୟଙ୍କ ପାଇଁ ଦନ୍ତ ପରୀକ୍ଷା, ଚକ୍ଷୁ ପରୀକ୍ଷା, ହିମୋଗ୍ଲୋବିନ୍ ପରୀକ୍ଷା, ମ୍ୟାଲେରିଆ ପରୀକ୍ଷା ଏବଂ ସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି ପଦକ୍ଷେପରୁ ୨୦୦ରୁ ଅଧିକ ଅଂଶଗ୍ରହଣକାରୀ ଉପକୃତ ହୋଇଥିଲେ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-AMC-MEDHA-MSDAC-512, ତା.23.10.2025ରିଖ

**କାର୍ଯ୍ୟର ନାମ :** 24 (ଚବିଶି) ମାସ ଅବଧି ନିମନ୍ତେ ପୂର୍ବ ତଟ ରେଳପଥ ଅଧୀନସ୍ଥ ଖୋର୍ଦ୍ଧା ରୋଡ଼ ମଣ୍ଡଳର ବିଭିନ୍ନ ଷ୍ଟେସନଗୁଡ଼ିକ ଠାରେ ଲଗା ଯାଇଥିବା MEDHA ଦ୍ୱାରା ନିର୍ମିତ ମଲ୍ଟି ସେକ୍ସନ ଡିଜିଟାଲ ଏକ୍ସିଲ କାଉଣ୍ଟର (MSDAC) ସିଷ୍ଟମ୍ ନିମନ୍ତେ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି (AMC) ବ୍ୟବସ୍ଥା, ଅନୁରୂପ ମଣ୍ଡଳ ଭିତରେ ଭୁବନେଶ୍ୱର (BBS), ଖୋର୍ଦ୍ଧା, ରାନିତାଲ ଲିଙ୍କ୍ ଜଂକ୍ସନ କ୍ୟାବିନ୍ (RLJC), ଯାଜପୁର-କେନ୍ଦୁଝର ରୋଡ଼(JJKR) ଏବଂ କୋରାଇ ହଲ୍ଟ (KRIH) ଷ୍ଟେସନଗୁଡ଼ିକ ନିମନ୍ତେ MEDHA ଦ୍ୱାରା ନିର୍ମିତ ବିଭିନ୍ନ MSDAC କାର୍ଡ଼ଗୁଡ଼ିକର ଯୋଗାଣ ସହିତ JSPC "A", ପାରାଦ୍ୱୀପ (PRDP), JSPC "B", BOXN ୟାର୍ଡ଼, BBMT ଷ୍ଟେସନ ଏବଂ କଟକ (CTC)-କନ୍ଦରପୁର (KDRP), ରଘୁନାଥପୁର (RCTC)-ଗୋରଖନାଥ (GRKN), କନ୍ଦରପୁର (KDRP)-ରଘୁନାଥପୁର (RCTC) ଅଟୋ ସେକ୍ସନଗୁଡ଼ିକ ଅନ୍ତର୍ଭୁକ୍ତ।

**ଟେଣ୍ଡର ମୂଲ୍ୟ (₹) :** 4,39,73,044.66, EMD (₹) : 3,69,000.00 ।

ବିଡ୍ ଆରମ୍ଭ ହେବା ତାରିଖ : ତା.31.10.2025ରିଖ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.14.11.2025 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ଼ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍
PR-741/Q/25-26

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର | 31st October, 2025 Friday | RNI Regd. No. ODIODI/2006/23033 | Postal Regd. No. : BN/169/13-15

## ବିଳମ୍ବର କାରଣ

**ହେଲ୍ଥ ଟନିକ୍**



ସ୍କୁଲରେ ବିଳମ୍ବରେ ପହଞ୍ଚିବାରୁ କ୍ଲାସ୍ ଟିଚର ପପୁକୁ ପଚାରିଲେ- କିରେ ତୋର ଏତେ ଡେରି ହେଲା କାହିଁକି ?

ପପୁ କହିଲା- ସାର୍, ମୁଁ ସ୍କୁଲ ବାହାରିଲା ବେଳକୁ ବାପା-ମା'ଙ୍କ ଝଗଡ଼ା ଆରମ୍ଭ ହୋଇଯାଇଥିଲା।

ସାର୍ ବିରକ୍ତ ହୋଇ ପଚାରିଲେ- ତୁତ ସ୍କୁଲ ବସ୍‌ରେ ଆସୁ, ବାପା-ମା'ଙ୍କ ଝଗଡ଼ା ସହିତ କ'ଣ ସଂପର୍କ ଅଛି ?

ପପୁ କହିଲା- ସାର୍, ମୁଁ ଜୋତା ପିନ୍ଧିଲେ ସିନା ସ୍କୁଲକୁ ଆସିବି ! ମୋ ଜୋତାରୁ ଗୋଟାଏ ବାପାଙ୍କ ହାତରେ ଆଉ ଗୋଟେ ମମିଙ୍କ ହାତରେ।

# ୩ ପରୀକ୍ଷଣ ସହ କୋଟିଏରୁ ଅଧିକ ଖର୍ଚ୍ଚ: ହେଲେ ବର୍ଷାର ଗୋଟିଏ ବୁନ୍ଦା ଦେଖା ନାହିଁ

**ନୂଆଦିଲ୍ଲୀ,୩୦।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ଦିଲ୍ଲୀରେ ବାୟୁ ପ୍ରଦୂଷଣ ଲୋକଙ୍କୁ ଆକ୍ରାମାକ୍ରା କରିବା ପରେ ଦିଲ୍ଲୀ ସରକାର କ୍ଲାଉଡ ସିଡିଂ କରି କୃତିମ ବର୍ଷା କରିବାକୁ ଚେଷ୍ଟା କଲେ। ଥରେ ନୁହେଁ ୩ଥର ଉଦ୍ୟମ ହେଲା ପରେ ବି ଫଳ ଶୂନ। କୋଟି କୋଟି ଟଙ୍କା ଖର୍ଚ୍ଚ ହେଲା, ହେଲେ ରାଜଧାନୀରେ ଗୋଟିଏ ବି ବୁନ୍ଦା ବର୍ଷା ଝରିଲା ନାହିଁ। ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ବର୍ଷା କରାଇବା ପାଇଁ ୩ଟି ଟ୍ରାଏଲ୍ ହୋଇଛି। ଏଥିରେ ୧ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଛି। ଦିଲ୍ଲୀ ସରକାର ଗୋଟେ ଅସଫଳ ପ୍ରୟାଶରେ ଜନତାଙ୍କ ଟଙ୍କା ଏଭଳି ଖର୍ଚ୍ଚ କରିବା ନେଇ ଲୋକେ ପ୍ରଶ୍ନ ଉଠାଇଛନ୍ତି।

ଟିକେ ବର୍ଷା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରିବା ତାହା ପୁଣି ଏମିତି ଏକ ପ୍ରୟାସରେ, ଯାହାର ଐତିହାସିକ ସଫଳତା ବହୁତ କମ, ତାହା କେତେ ଦୂର ଠିକ୍ ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ଦିଲ୍ଲୀ ସରକାର, ଆଇଆଇଟି କାନପୁର ସହଯୋଗରେ, ଆଜି ପର୍ଯ୍ୟନ୍ତ ତିନୋଟି ପରୀକ୍ଷଣ କରିଛନ୍ତି। ପ୍ରଥମେ ଅକ୍ଟୋବର ୨୩ରେ ଏବଂ ଦୁଇଟି ଅକ୍ଟୋବର ୨୮ରେ ହୋଇଛି। ଏଥିରେ କୌଣସି ଟ୍ରାଏଲ୍‌ରେ ରାଜଧାନୀରେ ଉଲ୍ଲେଖନୀୟ ବର୍ଷା ହୋଇ ନାହିଁ।

ଆଇଆଇଟି କାନପୁର ନିର୍ଦ୍ଦେଶକ ମନିନ୍ଦ୍ର ଅଗ୍ରୱାଲଙ୍କ ଅନୁଯାୟୀ, ଅକ୍ଟୋବର ୨୮ ତାରିଖରେ ୩୦୦ ବର୍ଗ କିଲୋମିଟରରୁ ଅଧିକ ପରିସରରେ ଦୁଇଟି କ୍ଲାଉଡ ସିଡିଂ ପରୀକ୍ଷଣ ହୋଇଥିଲା। ଏଥିରେ ମୋଟ ଖର୍ଚ୍ଚ- ପ୍ରାୟ ୬୦ ଲକ୍ଷ ଟଙ୍କା ଥିଲା। ହିସାବ ଅନୁସାରେ ଦେଖିଲେ ପ୍ରତି ବର୍ଗ କିଲୋମିଟରରେ ପ୍ରାୟ ୨୦,୦୦୦ ଟଙ୍କା ହେବ।

ଶୀତ ଋତୁରେ, ଦିଲ୍ଲୀର ବାୟୁ ପ୍ରଦୂଷଣରୁ ମୁକ୍ତି ପାଇବା ପାଇଁ ଏପରି ପାଞ୍ଚଟି ପରୀକ୍ଷଣ ପାଇଁ ଦିଲ୍ଲୀ



ସରକାର ୩.୨୧ କୋଟି ଟଙ୍କାର ବଜେଟ୍ ଆବଣ୍ଟନ କରିଥିଲେ। ହେଲେ ଦିଲ୍ଲୀ ପରିବେଶ ମନ୍ତ୍ରୀ ମଞ୍ଜିନ୍ଦର ସିଂହ ସିରସା କହିଛନ୍ତି ଯେ ଆଇଆଇଟି କାନପୁର ଏହି ବଜେଟ୍‌ରୁ ୯ଟି ପରୀକ୍ଷଣ କରିବ। ଏହି ବଜେଟ୍‌କୁ ବି ସରଳ ଭାବରେ ହିସାବ କଲେ ୯ଟି ଟ୍ରାଏଲ ପାଇଁ ମୋଟ ୩.୨୧ କୋଟି ଟଙ୍କା ଖର୍ଚ୍ଚ ହେବ। ତେବେ ଗୋଟିଏ ପରୀକ୍ଷଣ ପିଛା ୩୫.୬୭ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଏଥିରୁ ୩ଟି ପରୀକ୍ଷଣ କରାଯାଇଥିବା ବେଳେ ଦିଲ୍ଲୀରେ ଗୋଟିଏ ଟୋପା ବି ବର୍ଷା ଝରି ନାହିଁ।

ଆଇଆଇଟି କାନପୁର ଡାଇରେକ୍ଟର ଶ୍ରୀ ଅଗ୍ରୱାଲ କହିଛନ୍ତି ଯେ ଯଦି ପୂରା ଶୀତ ଋତୁରେ ଏଭଳି କ୍ଲାଉଡ ସିଡିଂ କଲେ ପାଖାପାଖି ୨୫ରୁ ୩୦ କୋଟି ଟଙ୍କା ଖର୍ଚ୍ଚ ହେବ। ତେବେ ଦିଲ୍ଲୀର ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଖର୍ଚ୍ଚ ହେଉଥିବା ୩୦୦ କୋଟି ବଜେଟକୁ ଦେଖିଲେ କ୍ଲାଉଡ ସିଂଡିଂ ବହୁତ କମ ଖର୍ଚ୍ଚ। ତଥାପି, ଯେହେତୁ କ୍ଲାଉଡ୍ ସିଡିଂ ଫଳାଫଳ ବହୁତ କମ ତେଣୁ ସେ ଦୃଷ୍ଟିରୁ ଏତେ ଟଙ୍କା ଖର୍ଚ୍ଚ କରିବା ଚିନ୍ତାର ବିଷୟ ନିଶ୍ଚିତ।

ସେଥିରେ ପୁଣି କ୍ଲାଉଡ ସିଂଡିଂ ପାଇଁ ବିମାନ ତିଆରି କରିବା, ଉଡାଣ ଖର୍ଚ୍ଚ, ଏବଂ ଅନ୍ୟାନ୍ୟ ପ୍ରସ୍ତୁତିରେ ଖର୍ଚ୍ଚ ହୋଇଥାଏ। ବର୍ତ୍ତମାନ ଭାରତରେ କ୍ଲାଉଡ ସିଡିଂ ପାଇଁ କୌଣସି ସ୍ୱତନ୍ତ୍ର ବିମାନ ନାହିଁ। ତେଣୁ ଏହାର ପ୍ରସ୍ତୁତି କରାଯାଉଛି। ତା ସହିତ ଫ୍ଲେୟାର ରାକ୍ (ଯାହା ସିଲଭର ଆୟୋଡାଇଡ୍ ମିଶ୍ରଣକୁ ଆକାଶରେ ଛିଞ୍ଚେ), କ୍ଲାଉଡ୍ କଣ୍ଡେସନ୍ ନ୍ୟୁକ୍ଲିୟସ୍, ସ୍କାନିଂ ମୋବିଲିଟି ପାର୍ଟିକିଲ୍ ସାଇଜର୍, ମାଇକ୍ରୋୱେଭ୍ ରେଡିଓମିଟର, ରେଡିଓସୋଣ୍ଡ୍ ବେଲୁନ୍ ଏବଂ ସେନ୍ସର ଭଳି ସାମଗ୍ରୀ ଏବଂ ଉପକରଣର ମୂଲ୍ୟ ପ୍ରାୟ ୫.୩୦ କୋଟି ଟଙ୍କା ହେବ। ପାଇଲଟ୍ ଫିସ୍, କ୍ରୁ ଚାର୍ଜ ଏବଂ ସେମାନଙ୍କର ବୀମା ପୃଥକ, ଏସବୁ ଦେଖିଲେ ଏହି ପ୍ରକ୍ରିୟା ଏକ ମହଙ୍ଗା ପ୍ରକ୍ରିୟା ନିଶ୍ଚିତ। ତେବେ ଦିଲ୍ଲୀରେ କ୍ଲାଉଡ ସିଡିଂ ପ୍ରଥମଥର ହେଉ ନାହିଁ। ଦିଲ୍ଲୀର ପ୍ରଥମ କ୍ଲାଉଡ୍-ସିଡିଂ ୧୯୫୭ ମସିହାରେ କରାଯାଇଥିଲା। ଏହାପରେ ୧୯୭୨ ମସିହାରେ ଆଉ ଏକ ପ୍ରଚେଷ୍ଟା ହୋଇଥିଲା। ଏହି ପରୀକ୍ଷଣଗୁଡ଼ିକ ମରୁଡ଼ିରୁ ରକ୍ଷା ପାଇବାକୁ କରାଯାଇଥିଲା। ତେବ ପ୍ରଦୂଷଣ ନିୟନ୍ତ୍ରଣା ପାଇଁ ଦିଲ୍ଲୀରେ ପ୍ରଥମଥର କ୍ଲାଉଡ୍ ସିଡିଂ କରାଯାଇଛି।

କେବଳ ଦିଲ୍ଲୀ ନୁହେଁ, ବର୍ଷା ଅଭାବୀ ଅଞ୍ଚଳ ଆନ୍ଧ୍ରପ୍ରଦେଶ ମଧ୍ୟ ମରୁଡ଼ି ମୁକାବିଲା ପାଇଁ ୨୦୦୪ ଓ ୨୦୦୯ ମଧ୍ୟରେ କ୍ଲାଉଡ୍ ସିଡିଂ ପରୀକ୍ଷଣ କରିଛି। ଏଥିରେ ବି ଫଳାଫଳ ସନ୍ତୋଷଜନକ ଆସି ନଥିଲା। ତଥ୍ୟ ଦର୍ଶାଉଛି ଯେ ସେହି ୬ ବର୍ଷ ମଧ୍ୟରେ, ଆନ୍ଧ୍ର କ୍ଲାଉଡ୍ ସିଡିଂ ପାଇଁ ୧୧୯ କୋଟି ଟଙ୍କା ଖର୍ଚ୍ଚ କରି ବି ସଫଳ ହୋଇ ନଥିଲା।

# ମହିଳା ବିଶ୍ୱକପ୍: ଫାଇନାଲରେ ଭାରତ



**ନଭି ମୁମ୍ବାଇ,୩୦।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ରୋମାଞ୍ଚକର ଓ ସଂଘର୍ଷପୂର୍ଣ୍ଣ ସେମିରେ ୭ ଥରର ଚାମ୍ପିଅନ ଅଷ୍ଟ୍ରେଲିଆକୁ ୫ ୱିକେଟରେ ହରାଇ ଚଳିତ ଟୁର୍ଣ୍ଣାମେଣ୍ଟରେ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି ଟିମ୍ ଇଣ୍ଡିଆ। ଜେମିମା ରଡ୍ରିଗ୍ସଙ୍କ ଦମଦାର ଶତକ ଓ ଅଧିନାୟକ ହରମନପ୍ରୀତ କୌରଙ୍କ ଅର୍ଦ୍ଧଶତକ ଭାରତକୁ ବିଜୟୀ କରାଇଛି। ଏହା ସହ ଭାରତୀୟ ମହିଳା ଦଳ ତୃତୀୟଥର ଦିନିକିଆ ବିଶ୍ୱକପ୍ ଫାଇନାଲରେ ପହଞ୍ଚିଛି। ଏହା ପୂର୍ବରୁ ଦଳ ୨୦୦୫ ଏବଂ ୨୦୧୭ରେ ଫାଇନାଲ୍ ଖେଳିଥିଲେ ହେଁ ରନର୍ସଅପ ରହିଥିଲା। ଅନ୍ୟପଟେ ପରାଜୟ ସହ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆର ଅଭିଯାନ ଶେଷ ହୋଇଛି। ନଭେମ୍ବର ୨ରେ ଫାଇନାଲ୍‌ରେ ମୁହାଁମୁହିଁ ହେବେ ଭାରତ ଓ ଦକ୍ଷିଣ ଆଫ୍ରିକା।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ଫୋଏବେ ଲିଚଫିଲ୍ଡଙ୍କ ୧୧୯ ରନ, ଏଲିସ ପେରିଙ୍କ ୭୭ ରନ ଓ ଆସଲେଗ ଗାର୍ଡନେରଙ୍କ ୬୩ ରନ ବଳରେ ୩୩୮ ରନ କରିଥିଲା। ଜବାବରେ ଭାରତ ୪୮.୩ ଓଭରରେ ୫ ୱିକେଟ୍ ହରାଇ ଲକ୍ଷ ହାସଲ କରି ନେଇଥିଲା। ଜେମିମା ରଡ୍ରିଗ୍ସ ଅପରାଜିତ ୧୨୭ ରନ କରି ଦଳକୁ ଜିତାଇଛନ୍ତି। କୌର ୮୯ ରନର ଉଲ୍ଲେଖନୀୟ ଇନିଂସ ଖେଳିଥିଲେ। ଏବେ ମହିଳା ଦିନିକିଆ ବିଶ୍ୱକପକୁ ମିଳିବ ନୂଆ ଚାମ୍ପିଅନ।

୩୩୯ ରନର ବିଶାଳ ବିଜୟ ଲକ୍ଷ୍ୟ ପିଛା କରିଥିବା ଭାରତକୁ ୧୩ ରନ ସ୍କୋରରେ ପ୍ରଥମ ୱିକେଟ୍ ହରାଇଥିଲା। ସେମି ଫାଇନାଲରେ ସୁଯୋଗ ପାଇଥିବା ଶେଫାଳି ବର୍ମା( ୧୦ ରନ) ମିଳିଥିବା ସୁଯୋଗର ଫାଇଦା ଉଠାଇ ପାରି ନଥିଲେ। ଏହା ପରେ ସ୍ମୃତି ମନ୍ଧାନା ୨୪ ରନ କରି ଆଉଟ୍ ହୋଇଥିଲେ। ୫୯ ରନରେ ଦୁଇ ଓପନରଙ୍କୁ ହରାଇଥିଲା ଭାରତ। ଏହା ପରେ ଦଳର ଇନିଂସ ସମ୍ଭାଳିଥିଲେ ଜେମିମା ରଡ୍ରିଗ୍ସ ଓ ଅଧିନାୟକ ହରମନପ୍ରୀତ କୌର। ଦୁହେଁ ଦମଦାର ବ୍ୟାଟିଂ କରିଥିଲେ। କ୍ରିଜରେ ଜମିବା ପରେ ଓଭର ପିଛା ଆବଶ୍ୟକ ରନ ସଂଗ୍ରହ କରି ଚାଲିଥିଲେ। ଏହି କ୍ରମରେ ଦୁଇ ବ୍ୟାଟର ନିଜ ନିଜର ଅର୍ଦ୍ଧଶତକ ପୂରଣ କରି ଶତକ ଆଡକୁ ଅଗ୍ରସର ହୋଇଥିଲେ।

ତେବେ ୨୨୬ ରନ ସ୍କୋରରେ ହରମନପ୍ରୀତ ଆଉଟ୍ ହେବା ଭାରତକୁ ବଡ ଝଟକା ଲାଗିଥିଲା। ଭାରତୀୟ ଅଧିନାୟକ ୮୮ ବଲରୁ ୧୦ ଚୌକା ଓ ୨ ଛକା ସହ ୮୯ ରନର ଅଧିନାୟକତ୍ୱ ଇନିଂସ ଖେଳିଥିଲେ। ଏହା ସହ ଜେମିମାଙ୍କ ସହ ୩ୟ ୱିକେଟ୍ ପାଇଁ ୧୬୭ ରନ ଯୋଡି ଭାରତ ପାଇଁ ବିଜୟର ମୂଳଦୁଆ ପକାଇଥିଲେ। ଏହା ପରେ ରଡ୍ରିଗ୍ସ ଓ ଦୀପ୍ତି ଶର୍ମା ସ୍କୋର ଆଗକୁ ବଢାଇଥିଲେ। ତେବେ ଦୀପ୍ତି ୨୪ ରନ କରି ରନଆଉଟ୍ ହୋଇଥିଲେ। ଅନ୍ୟପଟେ ରଡ୍ରିଗ୍ସ ସେମିରେ ଶତକ ହାସଲ କରିଥିଲେ।

ରିଚା ଘୋଷ କ୍ରିଜକୁ ଆସିବା ମାତ୍ରେ ବିସ୍ଫୋରକ ବ୍ୟାଟିଂ କରିଥିଲେ। ସେ ୧୬ ବଲରୁ ୨୬ ରନ କରି ଆଉଟ୍ ହୋଇଥିଲେ। ଏହା ପରେ ସଭିଙ୍କ ନଜର ରଡ୍ରିଗ୍ସଙ୍କ ଉପରେ ଥିଲା। ମ୍ୟାଚ୍ ରୋମାଞ୍ଚକର ମୋଡ ନେଇଥିଲା। ତଥାପି ସେ ଧୈର୍ଯ୍ୟର ସହ ବ୍ୟାଟିଂ କରି ଅପରାଜିତ ୧୨୭ ରନ କରି ଦଳକୁ ଜିତାଇଛନ୍ତି। ତାଙ୍କର ଶତକୀୟ ଇନିଂସରେ ୧୪ ଚୌକା ସାମିଲ୍। ଅମନଜତ କୌର ବିଜୟ ସୂଚକ ଚୌକା ମାରି ୧୫ ରନରେ ଅପରାଜିତ ଥିଲେ।

# ପାଣି କାଦୁଅରେ ବାଲିଯାତ୍ରା ପ୍ରସ୍ତୁତି: ଏଥର ଆକର୍ଷଣ ସୁନାମି ସହ ସିଙ୍ଗଲ ଟାୱାର ଦୋଳି

**କଟକ,୩୦।୧୦**
**ଏକ୍ସପ୍ରେସ୍ ନ୍ୟୁଜ୍**

ଐତିହାସିକ କଟକ ବାଲିଯାତ୍ରାକୁ ଆଉ ୬ ଦିନ ବାକି ଅଛି। ଏହାକୁ ନେଇ ପ୍ରସ୍ତୁତି ଜୋରଦାର ହୋଇଛି। ପ୍ରଶାସନ ପକ୍ଷରୁ ଏକାଧିକ ବୈଠକ କରାଯାଇ ଏହାର ସୁପରିଚାଳନା ପାଇଁ ଉଦ୍ୟମ ଚାଲିଛି। ମଂଚ ବନ୍ଧା ଚାଲିଥିବା ବେଳେ ସାଜସଜ୍ଜା ଓ ବ୍ୟବସାୟିକ ଷ୍ଟଲ ନିର୍ମାଣ ଜାରି ରହିଛି। ବ୍ୟବସାୟୀମାନେ ଯାତ୍ରା ପଡ଼ିଆକୁ ମୁହାଁଇଲେଣି। ପଡ଼ିଆ ପ୍ରସ୍ତୁତି ପାଇଁ ମୋରମ ବିଛା ଏବଂ ବିଦ୍ୟୁତ ବ୍ୟବସ୍ଥା କାର୍ଯ୍ୟ ଚାଲିଛି । ଏହାଛଡ଼ା ପାନୀୟଜଳ ଯୋଗାଣ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଉଛି ହେଲେ ସାମୁଦ୍ରିକ ଝଡ଼ "ମୋନ୍ଥା" ର ପ୍ରଭାବରେ ଗତ ୨ଦିନ ଧରି ସହରରେ ଚାଲିଥିବା ତୁହାକୁ ତୁହା ବର୍ଷା ଲାଗି ବାଲିଯାତ୍ରା ପ୍ରସ୍ତୁତି କାର୍ଯ୍ୟ ମନ୍ଥର ହୋଇଯାଇଛି । ସଂପ୍ରତି ପାଣି କାଦୁଆରେ ବାଲିଯାତ୍ରା ପ୍ରସ୍ତୁତିକାର୍ଯ୍ୟ ଚାଲୁ ରହିଛି। ହାତରେ ଆଉ ୬ ଦିନ ସମୟ ଥିବା ବେଳେ ବର୍ଷା ଲାଗି ବାଲିଯାତ୍ରା ପ୍ରସ୍ତୁତି କାର୍ଯ୍ୟରେ ବହୁ ପରିମାଣର ବାଧା ସୃଷ୍ଟି ହେଉଛି । ତେଣୁ ଠିକ ସମୟରେ ପ୍ରସ୍ତୁତି ଶେଷ କରିବା ନେଇ ଆଶଙ୍କା ଦେଖାଦେଇଛି । ବର୍ଷାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ମଧ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଯେଉଁ ସମୟରେ ବର୍ଷା ହେଉନାହିଁ ସେହି ସମୟରେ ପ୍ରସ୍ତୁତି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ବିଭିନ୍ନ ସଂସ୍ଥା ଓ ବିଭାଗଙ୍କୁ ପରାମର୍ଶ ଦିଆଯାଇଛି । ଓରମାସ, କଟକ ଇନ କଟକ, ସାଂସ୍କୃତିକ ମଂଚ ଓ ଦୋଳି ବନ୍ଧା କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲୁ ରହିଛି ।

ସଂପ୍ରତି କଟକ ଇନ କଟକ ମୁଖ୍ୟ ଗେଟ କାମ ଜୋରସୋରରେ ଚାଲିଛି । ଚଳିତବର୍ଷ "ଓଡ଼ିଆ ଅସ୍ମିତା" ଥିମରେ ଗେଟ ନିର୍ମାଣ କରାଯାଉଛି । ଆଉ ଗେଟର ନାମ ରହିଛି 'ଆମ ଭାଷା ଆମ ସାହିତ୍ୟ' । ଏହି ଗେଟର ଉଚ୍ଚତା ୪୦ଫୁଟ ରହିଥିବାବେଳେ ଲମ୍ବ ୯୦ ଫୁଟ ରହିଛି । ଅପର ପକ୍ଷରେ ମୁଖ୍ୟ ଗେଟଟି ଏକ ସୁଡଙ୍ଗ ଆକୃତିର ନିର୍ମାଣ କରାଯାଉଛି । ଏହା ଉପରେ ଓଡ଼ିଶା ମାନଚିତ୍ର ନିର୍ମାଣ ହେବ। ତା ଭିତରେ ଓଡ଼ିଆ ବର୍ଣ୍ଣମାଳା ସ୍ଥାନ ପାଇବ । ସେହିପରି ଗେଟ କଡ଼ରେ କୋଣାର୍କ ଚକ୍ର ଶୋଭା ପାଇବ। ଏହାଛଡ଼ା ଓଡ଼ିଆ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ମଧ ଏହି ପାଭିଲିୟନରେ ସ୍ଥାନ ପାଇବ। ଏହାକୁ ଆଲୋକମାଳାରେ ସୁସଜ୍ଜିତ କରାଯିବ





। ବାଲିଯାତ୍ରା ତଳ ପଡ଼ିଆରେ ଦର୍ଶକଙ୍କ ମନୋରଂଜନ ପାଇଁ ରାମଦୋଳି, ବ୍ରେକଡ୍ୟାନ୍ସଦୋଳି ଓ ବୋଟିଂ ଦୋଳି ଆଦିର ବନ୍ଧାକାର୍ଯ୍ୟ ଆରମ୍ଭ ହୋଇଯାଇଛି। ଚଳିତ ବର୍ଷ ପାଖାପାଖି ୩୦ଟି ଦୋଳି ପଡ଼ିବ ବୋଲି ଜଣାପଡ଼ିଛି। ତନ୍ମଧ୍ୟରୁ ସୁନାମି ଦୋଳି, ସିଙ୍ଗଲ ଟାୱାରଦୋଳି, ଫ୍ରିସବି ଦୋଳି, ଚକ୍ରି ଦୋଳି ଓ ଡ୍ରାଗନ ଦୋଳି ମୁଖ୍ୟ ଆକର୍ଷଣ ରହିବ। ବର୍ତ୍ତମାନ ଦୋଳିତ ଷ୍ଟ୍ରକଚର କାର୍ଯ୍ୟ ଜୋରସୋରରେ ଚାଲିଛି । ଚଳିତ ବର୍ଷ ଓରମାସ ଫୁଡ୍ ଷ୍ଟଲକୁ ଭିନ୍ନ ଢ଼ାଂଚାରେ କରାଯାଇଛି । ଏଥିରେ ମୋଟ ୨୬ଟି ଷ୍ଟଲ ସ୍ଥାନ ପାଇବ। ମାଛ ଆମ୍ବିଳ, ମସଲାବରା, ରାଜସ୍ଥାନୀ ଓ ଚାଇନିଜ ଆଇଟମ ଭଳି ବିଭିନ୍ନ ରନ୍ଧାଖାଦ୍ୟ ଏଠାରେ ଉପଲବ୍ଧ ହେବ। ଏହାଛଡ଼ା ବାଲିଯାତ୍ରା ଜାତୀୟ ପଲ୍ଲୀଶ୍ରୀ ମେଳାରେ 'ଗ୍ରାମୀଣ ଶିଳ୍ପ ଉଦ୍ୟାନ'ରେ ବିଉଟିପାର୍ଲର ଖୋଲିବ । ଖୁବ କମ ମୂଲ୍ୟରେ ମହିଳା ଓ ଯୁବତୀମାନଙ୍କୁ ଏଠି ଅତ୍ୟାଧୁନିକ ପାର୍ଲର ସେବା ମିଳିବ। ବାଲିଯାତ୍ରାରେ ଗ୍ରାମ ଲଳଣାମାନେ ସେମାନଙ୍କର ହାତର ଯାଦୁ ଏଠାରେ ଦେଖାଇବେ। ମେହେନ୍ଦି ଓ ସ୍ପେଶିଆଲ ଆଦି ବିଭିନ୍ନ ମହିଳାମାନଙ୍କ ସୌନ୍ଦର୍ଯ୍ୟ ବର୍ଦ୍ଧିତ କାର୍ଯ୍ୟ ଗ୍ରାମ୍ୟଯୁବତୀମାନେ ଏଠି ଚଟାପଟ କରିବେ । ଏଥିପାଇଁ ସ୍ୱତନ୍ତ୍ର ରୂପେ ସେମାନେ ପ୍ରଶିକ୍ଷଣ ନେଇଛନ୍ତି। ଗ୍ରାମୀଣ ମହିଳାଙ୍କ ଆତ୍ମନିର୍ଭରଶୀଳ ହେବା ଓ ରୋଜଗାରକ୍ଷମ କରାଇବା ଉଦ୍ଦେଶ୍ୟରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ଏହା ଏକ ଅଂଶ ବୋଲି ଓରମାସ ପକ୍ଷରୁ କୁହାଯାଇଛି। ଚଳିତବର୍ଷ ଜାତୀୟ ପଲ୍ଲୀଶ୍ରୀ ମେଳାରେ ୫୨୫ଟି ଷ୍ଟଲ ଖୋଲାଯିବ। ପରମ୍ପରା ଅନୁଯାୟୀ ବାଲିଯାତ୍ରା ଉଦଘାଟନୀ ଦିନ ଅତିଥି ମାନେ ବୋଇତରେ ଆସିବେ। ଏଥିପାଇଁ ମହାନଦୀକୂଳରେ ବୋଇତ "କଳିଙ୍ଗ ତରଙ୍ଗିଣୀ"ର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ଏହି ବୋଇତ ପ୍ରଥମଥର ପାଇଁ କାଠ ବଦଳରେ ଫାଇବରରେ ନିର୍ମାଣ କରାଯାଇଛି । ଚଳିତଥର ଓଡ଼ିଆ ସଂସ୍କୃତିକୁ ଆଧାର କରି ଏହି ବୋଇତ ପ୍ରସ୍ତୁତ କରାଯାଇଛି । ଏହା ହଂସ ପ୍ରକୃତିରେ ସଜିତ ହୋଇଛି। ସେହିଭଳି ବୋଇତ ଉପର ପାର୍ଶ୍ୱରେ ଏକ ମନ୍ଦିର ସ୍ଥାନ ପାଇବ । ଅତିଥିମାନଙ୍କ ବସିବା ପାଇଁ ବୋଇତରେ ଚଉକିର ବ୍ୟବସ୍ଥା କରାଯାଇଛି । ଯାତ୍ରା ପଡ଼ିଆ ପାଣି କାଦୁଅରେ ପଚପଚ ହୋଇପଡ଼ିଥିବା ସତ୍ତ୍ୱେ ପ୍ରସ୍ତୁତି କାର୍ଯ୍ୟ ଯୁଦ୍ଧାକାଳୀନ ଭିତ୍ତିରେ ଚାଲିଛି ।

## ପ୍ରଥମ ପୃଷ୍ଠାରୁ...

### ୯୨ ଆରଓବି...

କରାଯିବ ବୋଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି।

ରେଳ ମନ୍ତ୍ରଣାଳୟର ଏହି ନିଷ୍ପତ୍ତି ପରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଉଭୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡିଶାର ଭିତ୍ତିଭୂମି ବିକାଶକୁ ପ୍ରଧାନମନ୍ତ୍ରୀ ସବୁସମୟରେ ଗୁରୁତ୍ୱ ଦେଇଆସିଛନ୍ତି। ଏହି ଆରଓବି ନିର୍ମାଣ ଦ୍ୱାରା ରାଜ୍ୟରେ ପରିବହନ ନେଟୱାର୍କକୁ ସୁଦୃଢ଼ କରିବ ଓ ରେଳ ଫାଟକ ନିକଟରେ ଦୁର୍ଘଟଣା ଆଶଙ୍କା ହ୍ରାସ କରିବ ବୋଲି ସେ କହିଛନ୍ତି।

### ଜଷ୍ଟିସ ସୂର୍ଯ୍ୟକାନ୍ତ...

୭ ଜୁଲାଇ, ୨୦୦୦ରେ, ତାଙ୍କୁ ମାତ୍ର ୩୮ ବର୍ଷ ବୟସରେ ହରିୟାଣାର ସର୍ବକନିଷ୍ଠ ଆଡଭୋକେଟ୍ ଜେନେରାଲ୍ ଭାବରେ ନିଯୁକ୍ତ କରାଯାଇଥିଲା। ଯାହା ରାଜ୍ୟର ଆଇନଗତ ଇତିହାସରେ ଏକ ରେକର୍ଡ। ଗୋଟିଏ ବର୍ଷ ପରେ, ମାର୍ଚ୍ଚ ୨୦୦୧ରେ, ତାଙ୍କୁ ବରିଷ୍ଠ ଆଡଭୋକେଟ୍ ଭାବରେ ନିଯୁକ୍ତ କରାଯାଇଥିଲା। ଜଷ୍ଟିସ୍ କାନ୍ତଙ୍କୁ ୯ ଜାନୁଆରୀ ୨୦୦୪ରେ ପଞ୍ଜାବ ଏବଂ ହରିୟାଣା ହାଇକୋର୍ଟରେ ବିଚାରପତି ପଦକୁ ଉନ୍ନୀତ ହୋଇଥିଲେ। ସେ ତାଙ୍କ ଆଇନଗତ ଦାୟିତ୍ୱ ସହିତ ତାଙ୍କର ଶିକ୍ଷାଗତ ଯାତ୍ରା ମଧ୍ୟ ଏକା ସାଂଗେର ଜାରି ରଖିଥିଲେ। ୨୦୧୧ରେ କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟରୁ ଆଇନରେ ପ୍ରଥମ ଶ୍ରେଣୀରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ।

ଅକ୍ଟୋବର ୨୦୧୮ରେ, ଜଷ୍ଟିସ୍ କାନ୍ତଙ୍କୁ ହିମାଚଳ ପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବରେ ନିଯୁକ୍ତ କରାଯାଇଥିଲା। ଏହାପରେ ୨୪ ମେ ୨୦୧୯ରେ ସେ ସୁପ୍ରିମକୋର୍ଟକୁ ବିଚାରପତି ଭାବେ ଉନ୍ନୀତ ହୋଇଥିଲେ। ୨୦୦୭ ରୁ ୨୦୧୧ ମଧ୍ୟରେ ଜାତୀୟ ଆଇନ ସେବା ପ୍ରାଧିକରଣର ପରିଚାଳନା ପରିଷଦରେ କ୍ରମାଗତ ଦୁଇ ଥର କାର୍ଯ୍ୟ କରିଥିଲେ। ଅବହେଳିତ ବର୍ଗଙ୍କୁ ନ୍ୟାୟ ଦେବା ପାଇଁ ସୁବ୍ୟବସ୍ଥା କରିବାରେ ଏହା ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିଲା।

### ଓଏଭିରେ ପିନ୍...

ବୋଲି କହିଥିଲେ। ଶିକ୍ଷକଙ୍କ କଥାମାନି ପୁଅ ଖାଦ୍ୟ ଖାଇବା ସହିତ ପାଣି ପିଇଥିଲା। ପୁଅ ଭୟଭୀତ ହୋଇ ଛୁଟି ହେବା ପର୍ଯ୍ୟନ୍ତ ସ୍କୁଲରେ ରହିଥିଲା। ଫଳରେ ପିନ୍‌ଟି ଫୁସଫୁସ ଆଡକୁ ଠେଲି ହୋଇଯାଇଥିଲା। ସେ ଗଳାରେ ଯନ୍ତ୍ରଣା ଅନୁଭବ କରିଥିଲା।

ଫୁଲବାଣୀର କଣ୍ଟାକ୍ଟର ପଡାରେ ମାମୁ ଘରେ ରହି ଧୋବାତୋଟା ଆଦର୍ଶ ବିଦ୍ୟାଳୟରେ ପଢୁଥିଲେ ତୁଷାର ମିଶ୍ର। ସ୍କୁଲ ଛୁଟି ହେବା ପରେ ଘରକୁ ଫେରି ସେ ତାଙ୍କ ମାମୁ ତନ୍ମୟ ମିଶ୍ର ଓ ମାଇଁ କୃତିରାଣୀ ମିଶ୍ରଙ୍କୁ ପିନ୍ ଗିଳି ଦେଇଥିବା କଥା କହିଥିଲେ। ତାଙ୍କ ବାପା ଦେଇଥିବା ଏତଲା ଅନୁସାରେ, ମାମୁ-ମାଇଁ ତୁଷାରଙ୍କୁ ସଙ୍ଗେସଙ୍ଗେ କନ୍ଧମାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଏକ୍ସ'ରେ ରିପୋର୍ଟ ଦେଖିବା ପରେ ତୁଷାରକୁ ବ୍ରହ୍ମପୁର ବଡ ଡାକ୍ତରଖାନା ନେଇଯିବାକୁ ପରାମର୍ଶ ଦେଇଥିଲେ ଡାକ୍ତର। ତୁଷାରକୁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ଥିବା ପୁଅକୁ ଭୁବନେଶ୍ୱର ନେଇଯିବା ପାଇଁ ଡାକ୍ତର କହିଥିଲେ। ତେଣୁ ସେମାନେ ତୁଷାରକୁ ଭୁବନେଶ୍ୱରର କ୍ୟାପିଟାଲ ହସ୍‌ପିଟାଲରେ ଭର୍ତ୍ତି କରିଥିଲେ। ସେଠାରୁ ଗୁରୁତର ଅବସ୍ଥାରେ ତାକୁ କଟକ ଶିଶୁ ଭବନକୁ ନିଆଯାଇଥିଲା। ଗତ ୧୬ ତାରିଖରେ ସେଠାରେ ୨ ଘଣ୍ଟାର ଅପରେସନ ପରେ ପିନ୍‌ଟିକୁ ଫୁସ୍‌ଫୁସରୁ ବାହାର କରାଯାଇଥିଲା। ଅପରେସନ ପରେ ୧୧ ଦିନ ଧରି ଭେଣ୍ଟିଲେଟରରେ ରହିବା ପରେ ଅକ୍ଟୋବର ୨୬ ତାରିଖରେ ତୁଷାରର ମୃତ୍ୟୁ ହୋଇଥିଲା।

ତୁଷାରଙ୍କ ବାପା ଏଫଆଇଆରରେ ସ୍ପଷ୍ଟ ଭାବେ ଲେଖିଛନ୍ତି, ବିଦ୍ୟାଳୟ କର୍ମଚାରୀଙ୍କ ଅବହେଳା ଯୋଗୁ ଓ ଗୁରୁତର ସ୍ଥିତିକୁ ପରିହାସ କରି ଉଡାଇ ଦେବା ଫଳରେ ମୁଁ ମୋ ପୁଅକୁ ହରାଇଲି। ଯଦି ଠିକ୍ ସମୟରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଉଚିତ ପଦକ୍ଷେପ ଗ୍ରହଣ କରିଥା'ନ୍ତେ କିମ୍ବା ପରିବାର ଲୋକଙ୍କୁ ଜଣାଇଥା'ନ୍ତେ, ତେବେ ମୋ ପୁଅ ତୁଷାର ସଫଳତାର ସହିତ ଚିକିତ୍ସିତ ହୋଇପାରିଥା'ନ୍ତା ଏବଂ ତା'ର ଜୀବନ ବଞ୍ଚି ଯାଇପାରିଥା'ନ୍ତା। ଏହି ଘଟଣା ବିଦ୍ୟାଳୟ କର୍ମଚାରୀମାନଙ୍କର ସଂପୂର୍ଣ୍ଣ ଦାୟିତ୍ୱହୀନତା ଓ ଅପରାଧିକ ଅବହେଳାକୁ ସ୍ପଷ୍ଟ କରୁଛି, ଯାହା ମୋ ପୁଆର ମୃତ୍ୟୁ ପାଇଁ ସିଧାସଳଖ ଦାୟୀ।

### ବୀମା ଟଙ୍କା...

ଧରିବାରେ ସଫଳ ହୋଇଥିଲା। ଡିସିପି କହିଛନ୍ତି, ତଦନ୍ତ ବେଳେ ଜଣାପଡିଲା ଯେ ସନ୍ତୋଷ କୁମାର ମହାରଣାଙ୍କ ପ୍ଲାଇଉଡ୍ ଦୋକାନରୁ ଚୋରି କରିବା ପାଇଁ ଏମାନେ ଏକାଠି ହୋଇଥିଲେ। ପଚରାଉଚରା ବେଳେ ସନ୍ତୋଷ କହିଥିଲେ ଯେ ତାଙ୍କ ବ୍ୟବସାୟ କ୍ଷତିରେ ଚାଲିଛି। ବହୁ ଟଙ୍କା ବାକି ପଡିଛି। ଦେଢ଼ ବର୍ଷ ହେଲା ସେ ଦୋକାନ ଭଡା ଦେଇପାରୁ ନଥିଲେ। ତେଣୁ ସେ ୟୁଟ୍ୟୁବରେ ଏକ ଫିଲ୍ମ ଦେଖି ନିଜ ଦୋକାନରୁ ଚୋରି ପ୍ଲାନ୍ କରିଥିଲେ। ଦୋକାନରୁ ଚୋରି ହୋଇଥିବା ଦର୍ଶାଇ ସେ ଇନ୍‌ସ୍ୟୁରାନ୍ସ ଦାବି କରିଥା'ନ୍ତେ।

ଡିସିପି ଶ୍ରୀ ମୀନା କହିଛନ୍ତି ଯେ ଏହା ତମାଣ୍ଡୋ ପୁଲିସ ପାଇଁ ଏକ ବଡ ସଫଳତା। ଅଭିଯୁକ୍ତଙ୍କ ଯୋଜନା ସଫଳ ହୋଇଥିଲେ ଏହା ଏକ ବଡ ଚୋରି ଘଟଣା ହୋଇଥା'ନ୍ତା। ତଦନ୍ତରେ ପୁଲିସର ଅଯଥାରେ ବହୁ ସମୟ ନଷ୍ଟ ହୋଇଥା'ନ୍ତା। ସେହିପରି ଏହି ମିଛ ଚୋରି ଯୋଗୁ ଏକ ବଡ ଇନ୍‌ସ୍ୟୁରାନ୍ସ ଠକେଇ ବି ହୋଇଥା'ନ୍ତା। ତେଣୁ ଠିକ୍ ସମୟରେ କାର୍ଯ୍ୟାନୁଷ୍ଠାନ ନେଇ ପୁଲିସ ଦୁଇଟି ଅପରାଧକୁ ରୋକିବାରେ ସଫଳ ହୋଇଛି।

### ଲାଞ୍ଚ ମାମଲାରେ...

ସମୟରେ ୩୫ ହଜାର ଟଙ୍କା ଲାଞ୍ଚ ନେବା ସମୟରେ ଧରାପଡ଼ିଥିଲେ। ବେଆଇନ ବାଲି ଚାଲାଣ ସମୟରେ ଉକ୍ତ ଟ୍ରାକ୍ଟର ଧରାପଡ଼ିଥିଲା। ଗାଡ଼ି ଉପରେ ଲାଗୁ ହୋଇଥିବା ଜରିମାନା ଛାଡ଼ ପାଇଁ କିଶୋର ଗାଡ଼ି ମାଲିକଙ୍କଠାରୁ ୩୫ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଭିଜିଲାନ୍ସ ଅଧିକାରୀମାନେ ଯୋଜନା ମୁତାବକ କିଶୋରଙ୍କୁ ଗିରଫ କରିଥିଲେ। ଏ ନେଇ କିଶୋରଙ୍କ ନାମରେ ଚାର୍ଜଶିଟ୍ ଦାଖଲ ହୋଇଥିଲା। କିଶୋର ଦୋଷୀ ସାବ୍ୟସ୍ତ ହେବା ପରେ ଭିଜିଲାନ୍ସ ପକ୍ଷରୁ ତାଙ୍କ ପେନସନ ବନ୍ଦ କରିବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରାଯିବ ବୋଲି କୁହାଯାଇଛି।

### ରାସ୍ତା ପାଇଁ...

ସେତେବେଳେ ସେମାନଙ୍କୁ ଆନ୍ତର୍ଜାତୀୟ ମାନର ରାସ୍ତା ମିଳିବା ଉଚିତ। ସେ କହିଥିଲେ, ପାଗ କିମ୍ବା ଖରାପ ପିଚୁ ଏକ ବାହାନା ହୋଇପାରିବ ନାହିଁ। ଯଦି ରାସ୍ତା ଠିକ ନାହିଁ, ତେବେ ତୁରନ୍ତ ମରାମତି କରନ୍ତୁ। ଖର୍ଚ୍ଚ ବଢ଼ିପାରେ, କିନ୍ତୁ କୌଣସି ସାଲିସ କରାଯିବ ନାହିଁ। ଗଡକରୀ କହିଛନ୍ତି ଯେ ରାସ୍ତା ପ୍ରକଳ୍ପଗୁଡ଼ିକରେ ଉତ୍ତରଦାୟିତ୍ୱ ଏବଂ ସ୍ୱଚ୍ଛତା ଏବେ ବାଧ୍ୟତାମୂଳକ ହେବ। ଏଥିପାଇଁ, ସେ ଡିଜାଇନ୍ କିମ୍ବା ରକ୍ଷଣାବେକ୍ଷଣରେ ତ୍ରୁଟି ଚିହ୍ନଟ କରିବା ଏବଂ ଭଲ କାମ କରୁଥିବା ଲୋକଙ୍କୁ ଚିହ୍ନଟ କରିବା ପାଇଁ କାର୍ଯ୍ୟଦକ୍ଷତା ଅଡିଟ୍ ଆରମ୍ଭ କରିବାକୁ ଆହ୍ୱାନ କରିଥିଲେ। ସେ କହିଥିଲେ, ଯେତେବେଳେ ଅଡିଟ୍ ନିୟମିତ ହେବ, ସ୍ୱଚ୍ଛତା ବୃଦ୍ଧି ପାଇବ ଏବଂ ବାହାନା ଶେଷ ହେବ। କାର୍ଯ୍ୟକ୍ରମରେ, ସଡ଼କ ପରିବହନ ସଚିବ ଭି. ଉମାଶଙ୍କର ମଧ୍ୟ ଘୋଷଣା କରିଥିଲେ ଯେ ଏନଏଚଏଆଇ ଏବଂ ଠିକାଦାରମାନଙ୍କୁ ଏବେ ପ୍ରତ୍ୟେକ ପ୍ରକଳ୍ପର ଭିଡିଓ ଅନଲାଇନରେ ଅପଲୋଡ୍ କରିବାକୁ ପଡିବ ଯାହା ଦ୍ୱାରା ଜନସାଧାରଣ ପ୍ରଗତି ଦେଖିପାରିବେ ଏବଂ ମତାମତ ଦେଇପାରିବେ।

### ଖଣି-ପାଣି: ହଜାର...

କେତେ ତାହା କେହି କହିପାରୁ ନାହାନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ୮ ସପ୍ତାହ ଭିତରେ କେତେ ଅନାଦେୟ ଅର୍ଥ ଆଦାୟ ହେଉଛି ଏବଂ ଏ ସଂକ୍ରାନ୍ତରେ ରାଜ୍ୟ ସରକାର ସର୍ବୋଚ୍ଚ ନ୍ୟାୟାଳୟଙ୍କୁ କ'ଣ ତଥ୍ୟ ଦେବାକୁ ଯାଉଛନ୍ତି ତାହା ଉପରେ ସମସ୍ତଙ୍କର ନଜର।

ସେହିଭଳି ରାଜ୍ୟର ବିଭିନ୍ନ ନଦୀରୁ ବହୁ ଶିଳ୍ପାନୁଷ୍ଠାନ ଜଳ ନେଉଛନ୍ତି। ସେମାନଙ୍କ ଉପରେ ବି ବର୍ଷବର୍ଷ ଧରି ସହସ୍ରାଧିକ କୋଟି ଟଙ୍କାର ଜଳ କର ବାକି ପଡ଼ିଛି। ସରକାରଙ୍କ ପକ୍ଷରୁ ନୋଟିସ ଦିଆଯିବା ପରେ ଅନେକ ସଂସ୍ଥା ବକେୟା ଅର୍ଥ ପୈଠ କରିବା ପରିବର୍ତ୍ତେ ଓଲଟା ଆଇନ୍ ଅଦାଲତକୁ ଯାଇ ସରକାରଙ୍କୁ ନାଲି ଆଖି ଦେଖାଉଛନ୍ତି। ଅନ୍ୟପଟେ ଗୋଟିଏ ପରେ ଗୋଟିଏ ଖଣି ଖାଦାନ ନିଲାମ ଚାଲୁଥିବାବେଳେ ଶିଳ୍ପାନୁଷ୍ଠାମାନଙ୍କ ପ୍ରତି କୋହଳ ମନୋଭାବ ପୋଷଣ କରାଯାଉଛି। ଅଥଚ ସାଧାରଣ ଲୋକଟିଏ ଜଳ ଖଜଣା, ଜଳକର କିମ୍ବା ପୌର ସଂସ୍ଥା ହୋଲଡିଂ ଟିକସ ଦେବାରେ ବିଳମ୍ବ କଲେ ସରକାରୀ କର୍ତ୍ତୃପକ୍ଷ ନାଲି ଆଖି ଦେଖାଇ ତାହା ଆଦାୟ କରୁଛନ୍ତି। ଖଣି ଓ ପାଣି ବାବଦ ରାଜସ୍ୱ ସଂକ୍ରାନ୍ତୀୟ ମାମଲାଗୁଡ଼ିକ କିଭଳି ଶୀଘ୍ର ଫଇସଲା ହେବ ଏବଂ ଖିଲାପି ସଂସ୍ଥାମାନଙ୍କଠାରୁ ବାକି ପଡ଼ିଥିବା ହଜାର ହଜାର କୋଟି ଟଙ୍କାର ରାଜସ୍ୱ ଆଦାୟ କରାଯିବ ସେଥିଘେନି ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଉଛି।

# ବଦଳିଲା ଶ୍ରୀରାଧାଙ୍କ ପୁରୁଣା ଚାନ୍ଦିପ୍ରଭା

**ସାକ୍ଷୀଗୋପାଳ,୩୦।୧୦:**
**ଏକ୍ସପ୍ରେସ୍ ନ୍ୟୁଜ୍**

ଚଳିତ ବର୍ଷ ମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀରାଧାଙ୍କ ବିଗ୍ରହ ସହ ରହିଥିବା ପୁରୁଣା ଚାନ୍ଦିରୁପା ପ୍ରଭା ପରିବର୍ତ୍ତନ କରାଯାଇ ନୂତନ ପ୍ରଭା ଲାଗି କରାଯାଇଛି। ନବ ନିର୍ମିତ ପ୍ରଭାରେ ଓଡ଼ିଆ ସ୍ୱର୍ଣ୍ଣ ରୌପ୍ୟ ଶିଳ୍ପୀଙ୍କ ଦ୍ୱାରା ପ୍ରସ୍ଫୁଟିତ ପଦ୍ମଫୁଲ, ମୟୁର, ସେବତୀ ଫୁଲ, ଲତା ଓ କଳସ ପ୍ରଭାରେ ଶୋଭାପାଉଛି। ପୂର୍ବରୁ ରତ୍ନସିଂହାସନରେ ଶ୍ରୀରାଧା ରାଣୀଙ୍କ ବିଗ୍ରହ ପଛକୁ ଲାଗି ରହିଥିବା ପୁରୁଣା ପ୍ରଭା ଅପସାରଣ କରାଯାଇ ନୂଆ କାରୁକାର୍ଯ୍ୟ ପୂର୍ଣ୍ଣପ୍ରଭା ରଖାଯାଇଛି। ଅଁଳା ନବମୀ ତିଥିରେ ଓଡ଼ିଆଣୀ ବେଶରେ ନୂଆ ପ୍ରଭା ଅଧିକ ଆକର୍ଷଣ ସାଜିବ ବୋଲି ତହସିଲଦାର ତଥା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ପାଣିଗ୍ରାହୀ କହିଛନ୍ତି। ଠାକୁରଙ୍କୁ ମିଳିଥିବା ଦାନ ରୁପାକୁ ମିଶାଇ ପ୍ରାୟ ୫ କିଲୋଗ୍ରାମ ଓଜନର ପ୍ରଭା ତିଆରି କରିବାକୁ ମନ୍ଦିର ପ୍ରଶାସନ ଆନୁମାନିକ ୭୦ ହଜାର ଟଙ୍କା ବ୍ୟୟ କରାଯାଇଥିବା ଜଣାପଡ଼ିଛି।



# ୩୦ ଲକ୍ଷ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ

**ଭୁବନେଶ୍ୱର,୩୦।୧୦: ଏକ୍ସପ୍ରେସ୍ ନ୍ୟୁଜ୍**

ରାଜଧାନୀ ଭୁବନେଶ୍ୱରର ପଳାସୁଣୀ ଅଞ୍ଚଳର ଏକ କୋଠାରେ ଗୁରୁବାର ଭୋର ସମୟରେ ଅଗ୍ନିକାଣ୍ଡ ଘଟିଛି। ସପ୍ତସତୀ ବିହାରରେ ଏହି ଅଗ୍ନିକାଣ୍ଡ ଘଟିଛି।

ସୂଚନା ଅନୁଯାୟୀ, ଗୁରୁବାର ଭୋର ପ୍ରାୟ ୪ଟା ସମୟରେ, ଭୁବନେଶ୍ୱର ପଳାସୁଣୀର ସପ୍ତସତୀ ବିହାର ଅଞ୍ଚଳରେ ଥିବା ଇକ୍ୱିପେଜ୍ ଇନଫ୍ରା କୋ. ପ୍ରାଇଭେଟ୍ ଲିମିଟେଡ୍ କୋଠାରେ ଅଗ୍ନିକାଣ୍ଡ ଘଟିଛି। ସ୍ଥାନୀୟ ଲୋକେ ଏନେଇ ଅଗ୍ନିଶମ ସେବା ବିଭାଗକୁ ଜଣାଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ପ୍ରାୟ ୩୦ ଲକ୍ଷ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇ ଯାଇଥିବା କୁହାଯାଇଛି। ପୋଡି ଯାଇଥିବା ସମଗ୍ରୀ ମଧ୍ୟରେ କମ୍ପ୍ୟୁଟର ଏବଂ ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ରହିଛି। ଅଗ୍ନିକାଣ୍ଡର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିବା ବେଳେ ବିଦ୍ୟୁତ୍ ସର୍ଟସର୍କିଟ୍ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd., Published from Room No.211, 2nd Floor, Block-A, Bharati Tower, Forest Park, Bhubaneswar-751009 & Printed at Ricky Promotors, Plot No.-6709, M.I.E. Rasulgarh, Bhubaneswar-751010, Mob.: 8895483474/9583706460
Editor : Ambika Prasad Das ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ
Chief Editor : Umapada Bose ମୁଖ୍ୟ ସମ୍ପାଦକ : ଉମାପଦ ବୋଷ